

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୮ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 08 NOVEMBER 2022

Vol.No. 33 ■ No. 290 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ଆର୍ଥିକ ଅନଗ୍ରସର ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

# ଦେଶରେ ଜାରି ରହିବ ସରକାରୀ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଗରିବଙ୍କୁ ୧୦ ପ୍ରତିଶତ ସଂରକ୍ଷଣ

ନୂଆଦିଲ୍ଲୀ, ୦୭/୧୧ : ଉଚ୍ଚ ଜାତିର କିନ୍ତୁ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସରକାରୀ ଚାକିରି ଓ ଶିକ୍ଷା କ୍ଷେତ୍ରରେ ମିଳିବ ୧୦ ପ୍ରତିଶତ ସଂରକ୍ଷଣ । ଏନେଇ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି ଏହି କୋଟା ବ୍ୟବସ୍ଥା ୧୦୩ ତମ ସମ୍ବିଧାନର ମୌଳିକ ଢାଞ୍ଚା ଉଲ୍ଲଂଘନ କରୁନାହିଁ । ତେବେ ୫ ଜଣ ବିଚାରପତିଙ୍କ ମଧ୍ୟରୁ ୩ଜଣ ସଂରକ୍ଷଣ ସପକ୍ଷରେ ମତ ଦେଇଥିଲାବେଳେ ୨ଜଣ ବିପକ୍ଷରେ ମତ ଦେଇଥିଲେ । ଆଉ ୩-୨ ଆଧାରରେ ସପକ୍ଷରେ ଦେଇଥିବା ରାୟ କାଏମ ରହିଛି । ଉଚ୍ଚ ଜାତି ସହିତ ଆର୍ଥିକ ଦୁର୍ବଳ ଶ୍ରେଣୀର ହୋଇଥିଲେ କେନ୍ଦ୍ର ସରକାର ଚାକିରି ଏବଂ ଶିକ୍ଷା

କ୍ଷେତ୍ରରେ ସହଯୋଗ କରିବାକୁ ଯାଇ ୧୦ ପ୍ରତିଶତ ସଂରକ୍ଷଣ ବା କୋଟା ଦେଇଥିଲେ । କିନ୍ତୁ ଏପରି ନିୟମକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାୟର ହୋଇଥିଲା ଆବେଦନ । ସରକାର ଏପରି ବ୍ୟବସ୍ଥା କରି ସମ୍ବିଧାନର ମୂଳ ବିଚାରଧାରାକୁ ଉଲ୍ଲଂଘନ କରୁଥିବା କହି କୋର୍ଟରେ ଦାୟର ହୋଇଥିଲା ଆବେଦନ । କାରଣ କୋଟା ବ୍ୟବସ୍ଥା ଜାତିକୁ ନେଇ ତିଆରି ହୋଇଥିଲା । କିନ୍ତୁ ଆର୍ଥିକ ଅନଗ୍ରସର ବର୍ଗଙ୍କୁ ସଂରକ୍ଷଣ ଦେବା ବେଳେ ଏହାକୁ ଉଲ୍ଲଂଘନ କରାଯାଇଛି । ପ୍ରଧାନ ବିଚାରପତି ୟୁୟୁ ଲଳିତ, ଜଷ୍ଟିସ ଜେବି ପାରଦିୱାଲା, ଜଷ୍ଟିସ ବେଲା ତ୍ରିବେଦୀ, ଜଷ୍ଟିସ ମାହେଶ୍ୱରୀ, ଜଷ୍ଟିସ ରବୀନ୍ଦ୍ର ଭଟ୍ଟ । ସୁପ୍ରିମକୋର୍ଟରେ ଆଜି ଏହି ୫ ଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ଯେଉଁଥିରେ ୩ ବିଚାରପତି ଆର୍ଥିକ ଅନଗ୍ରସର ବର୍ଗଙ୍କୁ ୧୦% କୋଟା ମିଳିବ ବୋଲି ଯୁକ୍ତି ବାଢିଥିଲେ ବାକି ୨ ଜଣ ବିରୋଧ କରିଥିଲେ । କିନ୍ତୁ ସଂଖ୍ୟା ଗରିଷ୍ଠତା ଆଧାରରେ ୧୦ ପ୍ରତିଶତ କୋଟାକୁ କାଏମ ରଖିଛନ୍ତି ଖଣ୍ଡପୀଠ । ଜଷ୍ଟିସ ରବୀନ୍ଦ୍ର ଭଟ୍ଟ ଆର୍ଥିକ ଅନଗ୍ରସର ବର୍ଗଙ୍କୁ ୧୦ ପ୍ରତିଶତ କୋଟା ବିରୋଧରେ ରାୟ ଶୁଣାଇଥିଲେ । ସେ କହିଥିଲେ ସମ୍ବିଧାନର ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତ ରହିଛି । ଯେଉଁଥିରେ ଏସସି, ଏସଟି ଏବଂ ଓବିସି ବର୍ଗ ରହିଛନ୍ତି । ଏବେ ଆଉ ୧୦ ପ୍ରତିଶତ କୋଟା ଦେବା ସମ୍ବିଧାନର ଉଲ୍ଲଂଘନ । ତେଣୁ ଆର୍ଥିକ ଅନଗ୍ରସର ବର୍ଗଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦେବା ଠିକ୍ ନୁହେଁ । ଏହା ଭେଦଭାବ ତିଆରି କରୁଛି । ପ୍ରଧାନ ବିଚାରପତି ଏହାକୁ ସମର୍ଥନ କରିଛନ୍ତି । ▶▶ପୃଷ୍ଠା ୭

## ଆଜି ଚନ୍ଦ୍ରଗ୍ରହଣ : ଶ୍ରୀମନ୍ଦିରର ସାରାରାତି ହେବ ନୀତିକାନ୍ତି

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଆସନ୍ତାକାଲି ଚଳିତ ବର୍ଷର ଶେଷ ଚନ୍ଦ୍ରଗ୍ରହଣ । ଗ୍ରହଣ ଲାଗୁଥିବାରୁ ହିନ୍ଦୁ ପରମ୍ପରା ଅନୁଯାୟୀ ଅନେକ ରୀତିନୀତି ରହିଛି । କାଲି ଭୋର ୫ଟା ୫୪ରୁ ପାକତ୍ୟାଗ ସହ ଦେବନୀତି ବନ୍ଦ ରହିବ । ଅପରାହ୍ନ ୨ଟା ୩୮ରୁ ଗ୍ରହଣ ସ୍ପର୍ଶ ଓ ୬ଟା ୧୯ରେ ସର୍ବମୋକ୍ଷ ହେବ । ତେବେ କାର୍ତ୍ତିକ ପୂର୍ଣ୍ଣିମା ଥିବାରୁ ରାତି ୨ଟାରୁ ଭୋର ୫ଟା ୩୮ ମିନିଟ ଯାଏଁ ଡଙ୍ଗା ଭସାଇ ପାରିବେ ଶ୍ରଦ୍ଧାଳୁ । ଗ୍ରହଣ ଯୋଗୁଁ ଆଜି ସାରାରାତି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଚାଲିବ । ଗ୍ରହଣ ନୀତିକୁ ଦୃଷ୍ଟିରେ ରଖି ଆଜି ରାତି ପହୁଡ଼ ଠାରୁ ଆସନ୍ତାକାଲି ସକାଳ ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବ । ତେବେ ଅପରାହ୍ନ ୨ଟା ୩୮ ପର୍ଯ୍ୟନ୍ତ ସୁନାବେଶ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ । ମଙ୍ଗଳବାର ଅପରାହ୍ନ

୨ଟା ୩୮ରୁ ଗ୍ରହଣ ସ୍ପର୍ଶ ଓ ୬ଟା ୧୯ରେ ସର୍ବମୋକ୍ଷ ହେବ । ଗ୍ରହଣ ଲାଗୁଥିବାରୁ ଭୋର୍ ୫ଟା ୫୪ରୁ ପାକତ୍ୟାଗ ସହ ଦେବନୀତି ବନ୍ଦ ରହିବ । କାର୍ତ୍ତିକ ପୂର୍ଣ୍ଣିମୀ ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରର ନୀତିରେ ପରିବର୍ତ୍ତନ କରାଯାଇଛି । ସାରାରାତି ନୀତିକାନ୍ତି ଚାଲିବ । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କର ସୁନାବେଶ ଅର୍ଥାତ ରାଜାଧିରାଜ ବେଶ ହେବ । ଗ୍ରହଣ ଯୋଗୁଁ ରାତି ୨ଟା ୩୦ରେ ମହାପ୍ରଭୁଙ୍କ ସୁନାବେଶ ହେବ ଏବଂ ଚନ୍ଦ୍ରଗ୍ରହଣ ଆରମ୍ଭ ହେବା ପର୍ଯ୍ୟନ୍ତ ଅର୍ଥାତ ମଙ୍ଗଳବାର ୨ଟା ୩୮ ପର୍ଯ୍ୟନ୍ତ ସୁନାବେଶ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ । ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । କେବଳ ଶ୍ରୀମନ୍ଦିର ପରିସରରେ ମୃତୟନ ହେବେ ୩୬ ପ୍ଲାଟୁନ୍ ପୁଲିସ । ତେବେ କାର୍ତ୍ତିକ ପୂର୍ଣ୍ଣିମୀରେ ଡଙ୍ଗା ଭସା ଥିବାରୁ ▶▶ପୃଷ୍ଠା ୭

## ଭୟଙ୍କର ସିରିଜି ଦୁର୍ଘଟଣା, ଆଖି ବୁଜିଲେ ୩, ୫ ଗୁରୁତର

ସୋର,୦୭/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଜାମୁଝାଡ଼ି ରିଣୀ ଛକ ନିକଟରେ ଆଜି ସକାଳୁ ଭୟଙ୍କର ସିରିଜି ଦୁର୍ଘଟଣା ଘଟିଛି । ଏକ ତେଲ ଟ୍ୟାଙ୍କର ପ୍ରଥମେ ଏକ ସ୍କର୍ପିଓକୁ ପିଟିଥିବା ବେଳେ ପରେ ସ୍କର୍ପିଓଟି କର୍ ସହ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ସ୍କର୍ପିଓରେ ଥିବା ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କାର୍‌ରେ ଥିବା ୫ ଜଣ ଗୁରୁତର ହୋଇଛନ୍ତି । ଜାମୁଝାଡ଼ିରିଣୀ ଛକ ନିକଟରେ ଜାତୀୟ ରାଜପଥ କାମ ଚାଲିଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ତେଲ ଟ୍ୟାଙ୍କରଟି ସାମନା ପଟୁ ପ୍ରଥମେ ଏକ ସ୍କର୍ପିଓକୁ ପିଟିଥିଲା । ତେଲ ଟ୍ୟାଙ୍କରର ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ତାହା ସ୍କର୍ପିଓରେ ପିଟି ହୋଇଥିବା ପ୍ରତ୍ୟକ୍ଷର୍ଶୀଙ୍କ ସୂତ୍ରରୁ ପ୍ରକାଶ । ଟ୍ୟାଙ୍କର ମାଡ଼ରେ ଭାଙ୍ଗି ଚୁରମାର ହୋଇଯାଇଥିବା ସ୍କର୍ପିଓଟି ପାଖରେ ଯାଉଥିବା ଏକ କରରେ ପିଟି ହୋଇ ଯାଇଥିଲା । ଉଭୟ ସ୍କର୍ପିଓ ଓ କାର୍ ପଶ୍ଚିମବଙ୍ଗରୁ ପୁରୀ ଅଭିମୁଖେ ଆସୁଥିବାର ଜଣାଯାଇଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ସ୍କର୍ପିଓରେ ଥିବା ୩ଜଣଙ୍କର ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ଘଟଣାସ୍ଥଳରେ ଓ ଜଣଙ୍କର ମେଡିକାଲରେ ମୃତ୍ୟୁ ହୋଇଛି । କାର୍‌ରେ ଥିବା ୫ ଜଣ ଗୁରୁତର ହୋଇପଡ଼ିଛନ୍ତି । ସ୍ଥାନୀୟ ଲୋକେ ଓ ପୁଲିସ୍ ତୁରନ୍ତ ପହଞ୍ଚି ଗୁରୁତରଙ୍କୁ ସୋର ମେଡିକାଲରେ ଭର୍ତ୍ତି କରିଛନ୍ତି । ସେମାନଙ୍କ ମଧ୍ୟରେ ୩ ମହିଳା ଓ ୨ ପୁରୁଷ ଅଛନ୍ତି । ତେଲ ଟ୍ୟାଙ୍କର ମାଡ଼ରେ ସ୍କର୍ପିଓଟି ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ତା' ଭିତରେ ମୃତଦେହଗୁଡ଼ିକ ଚାପି ହୋଇଯାଇଥିଲା ।

## ଆଜିଠୁ ଭୁବନେଶ୍ୱର ବାଲିଯାତ୍ରା

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ଠାରୁ ଭୁଆଖାଇ ପଠାରେ ଆରମ୍ଭ ହେବ ଭୁବନେଶ୍ୱର ବାଲିଯାତ୍ରା । ଏଥିପାଇଁ ଚୂଡାନ୍ତ ପର୍ଯ୍ୟାୟରେ ସମସ୍ତ ପ୍ରସ୍ତୁତି ସରିଛି। ଦୁଇ ବର୍ଷ ପରେ ବାଲିଯାତ୍ରା ହେଉଥିବାରୁ ଦୈନିକ ପ୍ରାୟ ୭୦ ରୁ ୮୦ ହଜାର ଲୋକ ସମାଗମ ହେବାର ଆଶଙ୍କା କରାଯାଉଛି । ଭୁବନେଶ୍ୱର ଡିସିପି ବାଲିଯାତ୍ରା ପଡିଆକୁ ଆସି ବାଲିଯାତ୍ରା କମିଟି ସହ ଆଲୋଚନା କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ପୋଲିସ ସହ ଅଗ୍ନିଶମ ବିଭାଗର ଗୋଟିଏ ଲେଖାଏଁ ପୋଷ୍ଟ ରହିବା ସହ ଏଠାରେ

ଜରୁରୀକାଳୀନ ଅନାଉନ୍ସମେଂଟ କରାଯିବ। ପ୍ରାୟ ୫୦୦ ଷ୍ଟଲ ବାଲିଯାତ୍ରାରେ ପଡିବ। ପଡିଆକୁ ପ୍ରବେଶ ପାଇଁ ୩ଟି ଗେଟର ବ୍ୟବସ୍ଥା କରାଯଇଛି। ଦୁଇଟି ଷ୍ଟେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ପିଇବା ପାଣିର ସଠିକ ବ୍ୟବସ୍ଥା କରିବାକୁ ବାଲିଯାତ୍ରା କମିଟିକୁ ପରାମର୍ଶ ଦେଇଛି ପୋଲିସ । ଟ୍ରାଫିକ ଓ ପାର୍କିଂକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ▶▶ପୃଷ୍ଠା ୭

## ଟ୍ୱିଟରର ନୂଆ ମାଲିକଙ୍କ ମନମାନୀରେ ଅସ୍ତବ୍ୟସ୍ତ କର୍ମଚାରୀ

ନୂଆଦିଲ୍ଲୀ, ୦୭/୧୧ : ଏଲନ୍ ମସ୍କ ହାତକୁ ମାଲିକାନା ଯିବା ପରେ ଟୁଇଟରେ ଆରମ୍ଭ ହୋଇଛି ଛଟେଇ । କମ୍ପାନୀ ନିଜର ପ୍ରାୟ ୭ହଜାର ୫୦୦ କର୍ମଚାରୀଙ୍କୁ ଛଟେଇ କରିଛି । ସେଥିମଧ୍ୟରେ ଭାରତର ପ୍ରାୟ ୯୦ ପ୍ରତିଶତ କର୍ମଚାରୀ ଥିବା ଜଣାପଡିଛି । ଏବେ ଟୁଇଟରରେ ଭାରତର କେବଳ ୧୦ଜଣ କର୍ମଚାରୀ ରହିଛନ୍ତି । ଏହାରି ଭିତରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି ମସ୍କ । ଟୁଇଟରରୁ ଫେକ୍ ଆକାଉଂଟ ହଟାଇବା ନେଇ ସେ ସ୍ପଷ୍ଟ କରିଛନ୍ତି । ଯେଉଁମାନେ ଅନ୍ୟ ନାଁକୁ ବ୍ୟବହାର କରି ଫେକ୍ ଆକାଉଂଟ ଖୋଲିଥିବେ, କିମ୍ବା ଅନ୍ୟର ପ୍ରୋଫାଇଲ ଫଟୋକୁ ବ୍ୟବହାର କରି ଟୁଇଟର

ଚଲାଉଥିବେ, ସେମାନଙ୍କ ଆକାଉଂଟକୁ ରଦ୍ଦ କରାଯିବ । ଯେଉଁ ୟୁଜର୍ସ ମାନେ ସେମାନଙ୍କ ପରିଚୟ ବଦଳାଇଥିବେ ସେମାନଙ୍କ ଆକାଉଂଟକୁ ବିନା ସୂଚନାରେ ସିଧା ବନ୍ଦ କରି ଦିଆଯିବ । ଏନେଇ ଟୁଇଟ୍ କରି ସ୍ପଷ୍ଟ କରିଛନ୍ତି ଏଲନ୍ ମସ୍କ । ପୂର୍ବରୁ ଏନେଇ ଅନେକ ଚେତାବନୀ ଦିଆଯାଇଥିଲା, ହେଲେ ବର୍ତ୍ତମାନ ଏ ଦିଗରେ କାର୍ଯ୍ୟ କରାଯିବାର ସମୟ ଆସିଛି । ଏବେ କୌଣସି ସୂଚନା ଦିଆନଯାଇ ସିଧା ଆକାଉଂଟକୁ ବ୍ଲକ କରାଯିବ । ପୂର୍ବରୁ ଏଲନ୍ ମସ୍କ ନାଁରେ ମଧ୍ୟ ଅନେକ ଫେକ୍ ଆକାଉଂଟ ରହିଛି, ଯାହାକୁ ଲଗାତାର ଭାବେ ବନ୍ଦ କରାଯାଉଛି ।

## ଧାମନଗର ଉପନିର୍ବାଚନ: ପରାଜୟର ସମୀକ୍ଷା ହେବ : ଦେବୀ ମିଶ୍ର

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଧାମନଗରରୁ ବିଷ୍ଣୁ ସେଠୀ ଜିତିଥିଲେ। ଏହା ବିଜେପିର ସିଟ୍ । ତେଣୁ ବିଜେପି ପ୍ରତ୍ୟାବର୍ତନ କଲା ବୋଲି କହିଛନ୍ତି ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି ବିଷ୍ଣୁ ସେଠୀଙ୍କ ଦେହାନ୍ତର କିଛି ଦିନ ପରେ ନିର୍ବାଚନ ହୋଇଥିବାରୁ ଲୋକଙ୍କ ଭାବନା ତାଙ୍କ ସହ ରହିଥିଲା ତାହା ପ୍ରତିଫଳିତ ହେଲା। ଏହାବାଦ୍ ଯାହା କାରଣ ଥିବା ତାକୁ ଦଳର ନେତୃବୃନ୍ଦ ନିର୍ଯ୍ୟାସ କରିବେ। ଆମ ଦଳରେ ସବୁବେଳେ ଆଭ୍ୟନ୍ତରୀଣ ସମୀକ୍ଷା ହୁଏ। ତେଣୁ ଏହାର ମଧ୍ୟ ସମୀକ୍ଷା କରାଯିବ। ସେହିପରି ସାଂସଦ ମୁନା ଖାଁ କହିଛନ୍ତି ଜନସାଧାରଣ ଯାହା ନିଷ୍ପତି ନେଇଛନ୍ତି ଆମେ ନତମସ୍ତକ ହୋଇ ଗ୍ରହଣ କରୁଛୁ। ରାଜନୀତିରେ ସବୁକିଛି ସମ୍ଭବ। ସବୁ ଦଳ ଜିତିବା ପାଇଁ ଲଢନ୍ତି , ଆମେ ବି ଲଢିଥିଲୁ। କିନ୍ତୁ ଜନମତ ଯେବେ ତାଙ୍କ ସପକ୍ଷରେ ଆମେ ଜନମତକୁ ସ୍ୱାଗତ କରୁଛୁ। ପରାଜୟ କାରଣ ନେଇ ଦଳରେ ଆଲୋଚନା ହେବ।

## ନୂତନ ଭୋଟର ତାଲିକା ପାଇଁ ୯ରେ ସଚେତନତା ଶୋଭାଯାତ୍ରା

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ରାଜ୍ୟରେ ନୂତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଆସନ୍ତା ୯ ତାରିଖରୁ ନିର୍ବାଚନ ଆୟୋଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବାକୁ ଯାଉଛି। ୧୮ ବର୍ଷ ନପୁରିଥିଲେ ହେଁ ୧୭ ବର୍ଷରୁ ଉର୍ଦ୍ଧ ସମସ୍ତ ଯୁବବର୍ଗ ଭୋଟର ହେବା ପାଇଁ ଆଗୁଆ ଆବେଦନ କରିପାରିବେ। ଏସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ଭୁବନେଶ୍ୱରରେ ଆସନ୍ତା ୯ ତାରିଖରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଉକ୍ତ ଦିନ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକ ରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ପିଏମଜି ଛକ , ରବୀନ୍ଦ୍ରମଣ୍ଡପ ଛକ,୧୨୦ ବାଟାଲିୟନ୍, ପାୱାର ହାଉସ୍ ଛକ ପରେ ଏଡିମ୍ ଛକ ଦେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶେଷ ହେବ।

## ୫୧ ଜଣଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୦୭/୧୧ : ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୨୦୨୧ ନିମନ୍ତେ ଆଜି (ସୋମବାର) ନର୍ସିଂ ବୃତିଧାରୀଙ୍କୁ ରାଷ୍ଟ୍ରପତି ଭବନ ଠାରେ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ପୁରସ୍କାର ପ୍ରଦାନ କରିଛନ୍ତି। ସାରା ଦେଶର ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳ ଗୁଡିକରୁ ସମୁଦାୟ ୫୧ ଜଣଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ପୁରସ୍କାର ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୭ ଜଣ ହେଉଛନ୍ତି ଏଏନ୍‌ଏମ୍ , ୪ ଜଣ ଏଲ୍‌ଏଚ୍‌ଭି ଏବଂ ୩୦ ଜଣ ନର୍ସ ରହିଛନ୍ତି। ଓଡିଶାର ନର୍ସ ଖୁଲଣା ବାରିକ ଓ ନର୍ସ ଶିବାନୀ ଦାସ ଏବଂ ▶▶ପୃଷ୍ଠା ୭

## ବଡ଼ ଦେଉଳରେ ପୁଲିସ ବାବୁଙ୍କ ଦାଦାଗିରି, ମହିଳା ଭକ୍ତଙ୍କୁ ମାଡ଼

ଭୁବନେଶ୍ୱର, ୦୭/୧୧ (ନି.ପ୍ର): କାର୍ତ୍ତିକ ମାସର ପଂଚୁକ ଚାଲିଥିବାବେଳେ ଶ୍ରୀମନ୍ଦିର ଭିତରେ ମୁତୟନ ସୁରକ୍ଷାକର୍ମୀଙ୍କ ଗୁଣ୍ଡାଗର୍ଦ୍ଦି ଦେଖିବାକୁ ମିଳିଛି । ଜଗମୋହନ ନିକଟରେ ହବିଷ୍ୟାଳିଙ୍କୁ ମାଡ ମାରିଛନ୍ତି ସୁରକ୍ଷା କର୍ମୀ । ଫଳରେ ସଂପୃକ୍ତ ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ମହିଳାଙ୍କ ନାଁ ହେଲା ମାଧୁରୀ ଦାଶ । ସେ ବ୍ରହ୍ମପୁର ଅଂଚଳର ବୋଲି ଜଣାପଡିଛି । ପଂଚୁକର ଚତୁର୍ଥଦିନରେ ମାଧୁରୀ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ଶ୍ରୀମନ୍ଦିର ଯାଇଥିଲେ । ଘଂଟିଦ୍ୱାର ନିକଟରେ ସୁରକ୍ଷାକର୍ମୀ ମାଧୁରୀଙ୍କୁ ଅଟକାଇଥିଲେ । ଏ ନେଇ ମାଧୁରୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ପରେ ସୁରକ୍ଷାକର୍ମୀ ତାଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି । ବ୍ରହ୍ମପୁରର

ଏହି ହବିଷ୍ୟାଳି ମାସେ ହେଲା ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିଲେ । ସେ ବାସେଳିସାହିରେ ରହୁଥିଲେ । ଘଟଣା ପରେ ମାଧୁରୀଙ୍କୁ ପୁରୀ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅତିରିକ୍ତ ଏସପି ଶ୍ରୀମନ୍ଦିର ଭିତରକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି । ସେ ଘଟଣାର ତଦନ୍ତ କରିବେ । ପୁରୀ ଏସପି ମେଡିକାଲରେ ମହିଳାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ କଡା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ମାଡ ମାରିଥିବା ଓଏସଏପିର ହାବିଲଦାର ପ୍ରଶାନ୍ତ ଦଳେଇଙ୍କୁ ସସପେଣ୍ଡ କରାଯାଇଛି । ଶ୍ରୀମନ୍ଦିରକୁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି । ଆଉ ମନ୍ଦିର ଭିତରେ ମହିଳା ଭକ୍ତଙ୍କୁ ଏଭଳି ମାଡକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି ।

## ସରକାରୀ ବଡ଼ବାବୁଙ୍କ ବିଳାସବ୍ୟସନ ଜୀବନଶୈଳୀ ଉପରେ ତଦନ୍ତ ହେଉ : ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କର ସ୍ୱଚ୍ଛତା ଓ ସାଧୁତାର ଆହ୍ୱାନକୁ ଗୃହ ବିଭାଗର ଉଚ୍ଚପଦସ୍ଥ ଅଫିସର ବେଖାତିର କରୁଛନ୍ତି। ଏ ବାବଦରେ ସରକାରଙ୍କ ପାଖରେ ତଥ୍ୟ ରହିଛି ନା ଜାଣିଶୁଣି ସରକାର ଏହାକୁ ଏଡ଼େଇ ଯାଉଛନ୍ତି । ଆଇପିଏସ୍ ଅଫିସର ଦିପ୍ତେଶ ପଟ୍ଟନାୟକ ବିଭିନ୍ନ ଅନୈତିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗ ଆଣିଛି ଛାତ୍ର କଂଗ୍ରେସ। ପ୍ରଦେଶ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଂଯୋଜକ ଅଖିଳେଶ ଯାଦବ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଦିପ୍ତେଶ ପଟ୍ଟନାୟକ ରାଉଲକେଲାରେ ଏସ୍‌ପି ଭାବରେ କାର୍ଯ୍ୟରତ ଥିବା ବେଳେ ତାଙ୍କ ବିରୋଧରେ ତଦନ୍ତ କମିଶନ ବସିଥିବା ସତ୍ତ୍ୱେ, ତାଙ୍କୁ ପଦୋନ୍ନତି ଦିଆଯାଇଛି। ତାଙ୍କ ବିରୋଧରେ ନାୟୁଡୁ କମିଶନ ତଦନ୍ତ କରୁଥିଲେ। ଏହା ସତ୍ତ୍ୱେ ତାଙ୍କର ପଦୋନ୍ନତି ହେବା ଆଶ୍ଚର୍ଯ୍ୟଜନକ। ତାଙ୍କ ସରକାରୀ ବାସଭବନକୁ କୋଟି କୋଟି ଟଙ୍କା ବ୍ୟୟ କରି ରାଜଉଆସ ଭାବେ ସଜେ

# ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ବୋଇତ ବନ୍ଦାଣ ଉତ୍ସବ ପାଳନ

ନୂଆଦିଲ୍ଲୀ,୭/୧୧ (ନି.ପ୍ର): ନୂଆଦିଲ୍ଲୀର ହାଉଜଖାସସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମହାସମାରୋହରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଓ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଥିବା ଜଣାଯାଇଛି । ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବସଂଘ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ରର ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ, ସେମାନଙ୍କର ପରିବାର ବର୍ଗ ଓ ବନ୍ଧୁ ପରିଜନଙ୍କ ସହିତ ସାମିଲ ହୋଇଥିବା ଦେଖାଯାଇଥିଲା । ଚଳିତ ବର୍ଷ ବିନା କୋଭିଡ କଟକଣା ମଧ୍ୟରେ ଏହି ପାର୍ବଣ ପାଳନ କରାଯାଉଥିବାରୁ ଉପସ୍ଥିତ ଦର୍ଶକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଏବଂ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା । ଏହି ଉପଲକ୍ଷେ ବୋଇତ ବନ୍ଦାଣର ସ୍ଥାନ ମନ୍ଦିରପାର୍ଶ୍ୱରେ ଥିବା ଫୁଆରା ତଥା ସମ୍ପୂର୍ଣ୍ଣ ମନ୍ଦିର ପରିସରକୁ ଖୁବ ସୁନ୍ଦର ଭାବରେ ସଜାଯିବା ସହିତ ସମଗ୍ର ପରିବେଶ ଉତ୍ସବ ମୁଖର ହୋଇପଡ଼ିଥିବା ଲକ୍ଷ୍ୟ କରଯାଇଥିଲା । ବଡ଼ିଭୋରରୁ ପୂଜାରୀ ମାନେ ମୁଖ୍ୟ ମନ୍ଦିର ମଧ୍ୟରେ ଦିଅଁ ମାନଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଏହାପରେ ଫୁଆରାର ପୋଖରୀରେ ଭାସମାନ ଥିବା ସୁନ୍ଦର ଓ ସୁସଜ୍ଜିତ ବୋଇତଟିକୁ ପୂଜାରୀ ପୂଜା କରିବା ସାଙ୍ଗକୁ ଉପସ୍ଥିତ ମହିଳାମାନେ ବୋଇତର ବନ୍ଦାପନା କାର୍ଯ୍ୟ ସମ୍ପନ୍ନ କରିଥିଲେ । ପରେ ପରେ ମନ୍ଦିରର ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନଙ୍କର ତତ୍ତ୍ୱାବଧାନରେ ଉପସ୍ଥିତ ଅତିଥି ବୃନ୍ଦ ପାରମ୍ପରିକ ଢଙ୍ଗରେ 'ଆ, କା, ମା, ବୈ ...' ଉଚ୍ଚାରଣ କରିବା ସହିତ ସୁଶୋଭିତ ବୋଇତଟିର ଯାତ୍ରାର ଶୁଭାରମ୍ଭ କରାଇଥିଲେ । ସମଗ୍ର ଗଗନ ପବନ ହରିବୋଲ, ହୁଳୁହୁଳି ଏବଂ ଶଙ୍ଖ ଧ୍ୱନି, ଭଜନ, କୀର୍ତ୍ତନର ସୁଲଳିତ ସ୍ୱରଝଙ୍କାର ତଥା ଘଣ୍ଟା, ଝାଞ୍ଜ, କାଁଳ ଓ ମୃଦଙ୍ଗ ଆଦି ବାଦ୍ୟ ଯନ୍ତ୍ରର ଘୋର ଘର୍ଗର ନାଦରେ ପ୍ରକମ୍ପିତ ହୋଇ ଉଠିଥିବା ବେଳେ ଓଡ଼ିଆ ଜାତିର ମାନ, ସମ୍ମାନ ଓ ସ୍ୱାଭିମାନର ପ୍ରତୀକ ବୋଇତଟି ଫୁଆରାର ଚତୁଃପାର୍ଶ୍ୱରେ ପରିଭ୍ରମଣ କରିବାର ଦୃଶ୍ୟ ବେଶ ନିଆରା ଓ ମର୍ମସ୍ପର୍ଶୀ ଥିଲା । ସତେଯେପରି ଏହା ଓଡ଼ିଶାର ସୌର୍ଯ୍ୟ, ବୀର୍ଯ୍ୟ ଓ ଗାମ୍ଭିର୍ଯ୍ୟର ପ୍ରତିନିଧି ଭାବରେ ସାଧବ ପୁଅ ମାନଙ୍କର ସୁଦୂର ବାଲିଦ୍ୱୀପକୁ ବେପାର, ବାଣିଜ୍ୟ ପାଇଁ ଯାତ୍ରା କରୁଥିବା ଉପାଖ୍ୟାନର ସାଙ୍କେତିକ ରୂପାୟନ ଭଳି ମନେ ହେଉଥିଲା । ପରିସ୍ଥିତି ଓ ପରିବେଷ୍ଟନୀ ଓଡ଼ିଶାର ସ୍ୱର୍ଣ୍ଣାଭ ନୌବାଣିଜ୍ୟର ଇତିହାସ, ମହାନ ସାମରିକ ପରମ୍ପରା ଏବଂ ମହନୀୟ ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ଢେରସାରା କାହାଣୀ ବଖାଣି ଚାଲିଥିବା ପରି ଲାଗୁଥିଲା । ଏହି ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ମନ୍ଦିର ତରଫରୁ ସ୍ୱାଦିଷ୍ଟ ହବିଷ ପ୍ରସାଦରେ ଆପ୍ୟାୟିତ କରାଯାଇଥିଲା । ସମଗ୍ର ବୋଇତ ବନ୍ଦାଣ ଉତ୍ସବକୁ ବିପୁଳ ଭାବରେ ସଫଳ କରାଇବାରେ ଶ୍ରୀ ନୀଳାଚଳ ସେବାସଂଘର ସମ୍ପାଦକ ରବିନ୍ଦ୍ରନାଥ ପ୍ରଧାନ, ସଦସ୍ୟ ବୃନ୍ଦ ଯଥା ବିଘ୍ନେଶ୍ୱର ରାଉତ, ଗଜେନ୍ଦ୍ର ସାମନ୍ତ, ଅଶୋକ ପ୍ରଧାନ (କ), ପଙ୍କଜ ମହାନ୍ତି, କ୍ଷୀରୋଦ ପାତ୍ର, ଜୀତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ଅଶୋକ ପ୍ରଧାନ (ଖ), ନିଷିଦ୍ଧ କୁମାର ଦାସ, ରଙ୍କନିଧି ସାହୁ, ଅଭୟ ପ୍ରଧାନ ଓ ମନ୍ଦିର ପରିଚାଳକ ରଶ୍ମି ରଂଜନ ବେହେରା ପ୍ରମୁଖଙ୍କର ଭୂମିକା ବେଶ ଉଲ୍ଲେଖଯୋଗ୍ୟ ଥିଲା ।

# ମୟୂରଭଂଜର ଐତିହ୍ୟ ଏବଂ ପର୍ଯ୍ୟଟନର ବିକାଶ ପାଇଁ ଅଭିନବ ପ୍ରୟାସ

## ମୟୂରଭଂଜ ହେରିଟେଜ ୱାକ୍ସରେ ବିଚ୍ଛିନ୍ନାଂଚଳ ସାମିଲ

ବାରିପଦା,୭/୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲାର ପର୍ଯ୍ୟଟନ, ଇତିହାସ, ଐତିହ୍ୟ, କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ମୟୂରଭଂଜ ଲଭର୍ସ ଓ ମୟୂରଭଂଜ ମିରର ସଙ୍ଗଠନ ଦ୍ୱାରା ଯୁବ ପିଢିଙ୍କ ନିକଟରେ ଇତିହାସ ଓ ଐତିହ୍ୟର ପ୍ରଚାର ପ୍ରସାର ନିମନ୍ତେ ଆୟୋଜିତ ହୋଇଆସୁଥିବା ମୟୂରଭଂଜ ହେରିଟେଜ ୱାକ୍ସର ଦଶମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଏହି ଦଶମ ସଂସ୍କରଣରେ ହେରିଟେଜ ୱାକ୍ସର ଅଭିଯାତ୍ରୀ ଦଳରେ ସାମିଲ ହୋଇଥିବା ୫୦ ରୁ ଊର୍ଦ୍ଧ୍ୱ ବୟୋଜ୍ୟେଷ୍ଠ, ଯୁବବର୍ଗ ଓ ଛାତ୍ରଛାତ୍ରୀ ସର୍ବପ୍ରଥମେ ମୟୂରଭଂଜର ପ୍ରଥମ ରାଜଧାନୀ ତଥା ଅଧିଷ୍ଠାତ୍ରୀ ଦେବୀ ମା କୀଚକେଶ୍ୱରୀଙ୍କ ପୀଠ ଖିଚିଂକୁ ଯାଇଥିଲେ । ମୟୂରଭଂଜ ଲଭର୍ସର ସଦସ୍ୟ କୁମାରେଶ ନାୟକ ପ୍ରଥମେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଖିଚିଂର ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟତମ ସଦସ୍ୟ ରୁଷିରାଜ ପଟ୍ଟନାୟକ ମନ୍ଦିରର ନିର୍ମାଣ ଶୈଳୀ, ମୂର୍ତ୍ତିକଳା ଓ ଅନ୍ୟାନ୍ୟ ବିଭବ ସମ୍ପର୍କରେ ଆଲୋଚନା କରିଥିଲେ । ଏଠାରେ ଥିବା ପ୍ରସିଦ୍ଧ ମ୍ୟୁଜିୟମରେ ସଂରକ୍ଷିତ ଥିବା ବିଭିନ୍ନ ପୁରାତନ ମୂର୍ତ୍ତୀ, ମୁଦ୍ରା ଆଦି ସମ୍ପର୍କରେ ମଧ୍ୟ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା । ଏହା ପରେ ଅଭିଯାତ୍ରୀ ଦଳ ପୂର୍ବରୁ ମୟୂରଭଂଜର ଅଂଶ ଥିବା ବର୍ତ୍ତମାନର ବିଚ୍ଛିନ୍ନାଂଚଳ ଝାରଖଣ୍ଡର ବେଣୀ ସାଗର ଠାରେ ପହଂଚିଥିଲେ । ଏଠାରେ ରହିଥିବା ପୁରାତନ ଗଡର ଭଗ୍ନାବଶେଷ ଇତିହାସର ଅନେକ ଅକୁହା କଥାକୁ ନିଜ ଭିତରେ ସାଇତିରଖିଥିବାର ମତପ୍ରକାଶ ପାଇଥିଲା । ସର୍ବଶେଷରେ ୮୦୦ ବର୍ଷରୁ ଅଧିକ ପୁରୁଣା ଯଶିପୁରର ରଘୁନାଥ ଜୀଉ ମଠ, ପର୍ଯ୍ୟଟନର ଅନନ୍ୟ ଆକର୍ଷଣ ଭଦୁଶୋଳ ଜଳପ୍ରପାତ ତଥା ରାମଚନ୍ଦ୍ରଙ୍କ ସ୍ମୃତି ବିଜଡିତ ରାମତୀର୍ଥକୁ ଅଭିଯାତ୍ରୀ ଦଳ ବୁଲିଯିବା ସହ ଏ ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଆୟୋଜିତ ଆଲୋଚନା ଚକ୍ରରେ ଯୁବପିଢିଙ୍କୁ ମୟୂରଭଂଜ ମାଟିର ଇତିହାସ ଓ ଐତିହ୍ୟ ପ୍ରତି କିଭଳି ଆକୃଷ୍ଟ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଦସ୍ୟ ଜ୍ୟୋତିପ୍ରକାଶ ନାଏକ, ଜୟ ପ୍ରକାଶ ସିଂହ, ସ୍ୱପନ କୁମାର ମହାନ୍ତ, ସୁଶ୍ରୀ ନାୟକ, ଦେବଜିତ୍ ପଟ୍ଟନାୟକ, ଆଭାସ ଦେ, ଶୁଭସ୍ମିତା ସାହୁ, ହରପ୍ରିୟା ନାୟକ, ଭବାନୀ ପାତ୍ର, କ୍ରିଷ୍ଣାଚନ୍ଦ୍ର ମୁଖୀ, ଅପର୍ଣ୍ଣା ସିଂହ, ପଙ୍କଜ ସାହା, ଜ୍ୟୋତିଶ୍ରୀ ସିଂହ, ସ୍ୱାତୀ ସାହା, ତ୍ରିଷାରାଣୀ ପୃଷ୍ଟି, ଲିଲିମା ସାହୁ, ଅର୍ପିତା ବେହେରା, ଶ୍ରାବଣୀ ପ୍ରଧାନ, ପାରାୟଣୀ ସୋରେନ, ରାନି ଟୁଡୁ, ଉର୍ମୀ ବିଶ୍ୱାଳ, ପ୍ରୀତି ମିସ୍ତ୍ରୀ, ଚନ୍ଦ୍ରିକା ନାୟକ, ମାମିନା ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ରଷ୍ ବିପ୍ଳବ ଦିବସରେ ଆଲୋଚନା ସଭା : ପୁଞ୍ଜିବାଦ ନୁହେଁ ସମାଜବାଦ ହିଁ ଏକମାତ୍ର ବିକଳ୍ପ

ବାଲେଶ୍ୱର,୭/୧୧ (ନି.ପ୍ର): ନୂଆବଜାରସ୍ଥିତ ପରିବହନ ମୋଟର କର୍ମଚାରୀ ସଂଘର 'ଶ୍ରମିକଭବନ' ସଭାଗୃହରେ ରଷ୍ ବିପ୍ଳବ ଦିବସରେ "ପୁଞ୍ଜିବାଦ ନୁହେଁ ସମାଜବାଦ ହିଁ ଏକମାତ୍ର ବିକଳ୍ପ" ଶୀର୍ଷକ ଆଲୋଚନା ସଭା ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।

ଆଜି ବିଶ୍ୱରେ ସାମ୍ରାଜ୍ୟବାଦ ଏକ ନବ୍ୟ ସାମ୍ରାଜ୍ୟବାଦ ରୂପରେ ତା'ର କାୟା ବିସ୍ତାର କରିଛି । ସମସ୍ତ ପୁଂଜିର ଅଧିକାରୀ ବିଶ୍ୱର କତିପୟ ଲୋକଙ୍କ ଠାରେ ପୁଞ୍ଜି ଠୁଳିକରଣ ହୋଇଛି । ସେହି ପୁଞ୍ଜିବାଦୀ ଦୁନିଆରେ ଆଜି ସଂକଟର ନିଆଁ ଲାଗିଯାଇଛି । ଫଳରେ ପ୍ରତ୍ୟେକ ପୁଞ୍ଜିବାଦୀ ଦେଶରେ ଶ୍ରମିକଶ୍ରେଣୀ ଏବଂ ସାଧାରଣ ଜନତାଙ୍କ ଉପରେ ଆକ୍ରମଣ ଆରମ୍ଭ ହୋଇଛି । ବେକାରୀ ସଂଖ୍ୟା ବଢ଼ିଚାଲିଛି । ଏଭଳି ସଂକଟ ସମୟରେ ପ୍ରତିକ୍ରିୟାଶୀଳ ଦକ୍ଷିଣପନ୍ଥୀ ବ୍ୟକ୍ତି ଓ ଶାସକମାନଙ୍କ ସଂଖ୍ୟା ବିଶ୍ୱର ବିଭିନ୍ନ ଦେଶରେ ବୃଦ୍ଧି ପାଉଛି । ଅନ୍ୟପଟରେ ଶ୍ରମିକ-ଯୁବ-ଛାତ୍ରମାନଙ୍କ ଆନ୍ଦୋଳନ ମଧ୍ୟ ବ୍ୟାପକ ହେବାରେ ଲାଗିଛି । ରଷ୍ର ନଭେମ୍ବର ବିପ୍ଳବ ବା ଅକ୍ଟୋବର ବିପ୍ଳବ ବିଶ୍ୱତମାମରେ ପ୍ରଥମେ ଯେଉଁ ଶ୍ରମିକଶ୍ରେଣୀର ରାଷ୍ଟ୍ରଗଠନ କଲା, ତାହା ଆଜିର ଏଭଳି ପରିସ୍ଥିତିକୁ ସାମନା କରିବାପାଇଁ ଏକ ବିକଳ୍ପଭାବେ ଉଭାହୋଇଛି । ଆଜି ଆମ ଦେଶରେ ଫାସୀବାଦୀ, ସାଂପ୍ରଦାୟିକ ଶକ୍ତି ଯେଉଁଭଳି ସମସ୍ତ ବୈଜ୍ଞାନିକ ବିଚାରଧାରାକୁ ବିରୋଧ କରିବା ସହିତ ମରଣାନ୍ତକ ଆକ୍ରମଣ ଆରମ୍ଭ କରିଛନ୍ତି ଓ ଦେଶର ସାମ୍ବିଧାନିକ ଢା । ଉପରେ ଆକ୍ରମଣ କରିଚାଲିଛନ୍ତି ଏବଂ ନବ୍ୟ ସାମ୍ରାଜ୍ୟବାଦର ଅର୍ଥନୀତିକୁ ପ୍ରଚାର କରି ଦେଶବାସୀଙ୍କ ଉପରେ ଅର୍ଥନୈତିକ ଚାପ ବୃଦ୍ଧି କରିଚାଲିଛନ୍ତି, ତାହାର ଦୃଢ଼ ପ୍ରତିବାଦ ଆରମ୍ଭ ହୋଇଛି । ସାଂପ୍ରତିକ ପରିସ୍ଥିତିକୁ ସାମନା କରିବାପାଇଁ ମାର୍କ୍ସବାଦ-ଲେନିନ୍‌ବାଦ ହିଁ ଏକମାତ୍ର ବିକଳ୍ପ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଏଥିପାଇଁ ବାମପନ୍ଥୀ ଧର୍ମନିରପେକ୍ଷ - ଗଣତାନ୍ତ୍ରିକ ଶକ୍ତିର ମିଳିତ ବିକଳ୍ପ ସୃଷ୍ଟି କରିବା ଦିଗରେ ଅଗ୍ରସର ହେବାକୁ ଆଜିର ଆଲୋଚନା ସଭାରେ ବକ୍ତାମାନେ ଆହ୍ୱାନ ଦେଇଥିଲେ । ଏହି ଆଲୋଚନାରେ ପ୍ରାଧ୍ୟାପକ ସୁରେନ୍ଦ୍ର ଜେନା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଏବଂ 'ସାମ୍ୟବାଦୀ ପାଠଚକ୍ର'ର ଆବାହକ ଶିଶିର ହୁଇ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ କୃଷକନେତା ପ୍ରେମରଞ୍ଜନ ପାତ୍ର ସୂଚନା ପ୍ରଦାନ କରିଥିବାବେଳେ ଶେଷରେ ରାଜକିଶୋର ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# କୁଣ୍ଡିବାଗ ଗ୍ରାମରେ ରାହାସ ଉତ୍ସବ ପାଳିତ

ଭଦ୍ରକ,୭/୧୧ (ନି.ପ୍ର): ଇଛାପୁର ନିକଟସ୍ଥ କୁଣ୍ଡୀବାଗ ଶ୍ରୀଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ରାହାସ ଉତ୍ସବ ପାଳିତ ହେଉଛି । ପ୍ରତ୍ୟହ ଭୋର ୫ଟାରୁ ମହାପ୍ରଭୁଙ୍କ ମଙ୍ଗଳ ଆରତି କରାଯାଏ । ତତ୍‌ସଙ୍ଗେ ସଙ୍ଗେ ବୃନ୍ଦାବତୀ ପରିକ୍ରମା, ମହାପ୍ରଭୁଙ୍କ ଉଚାବତ ପ୍ରେମ-ନାମ ସଂକୀର୍ତ୍ତନ ସହ ମନ୍ଦିର ପରିକ୍ରମା ଓ କାର୍ତ୍ତିକ ମହାତ୍ମ୍ୟ ପଠନ କରାଯାଏ । ପ୍ରତ୍ୟେହ ସଂଧ୍ୟାରେ ଗତ ଅମାବାସ୍ୟାଠାରୁ ଆକାଶଦିପ ପ୍ରଦାନ, ଭଗବତ ପାଠ ଶ୍ରୀ ଲକ୍ଷ୍ମୀଧର ଦାସଙ୍କ ସହ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଉଅଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପ କ ଏକାଦଶୀ ତିଥିରେ ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ମନ୍ଦିର ପ୍ରାଙ୍ଗଣରେ ଯଥାରିତି ପୂଜା କରାଯାଇଅଛି । ପ୍ରତ୍ୟହ ନିକଟସ୍ଥ ଗ୍ରାମରୁ ବହୁ ଭକ୍ତ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷପା ଲାଭ ନିମି ସହଯୋଗ କରନ୍ତି । ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଏହି ଅଂଚଳରେ ଏକ ପ୍ରାଚୀନ ମନ୍ଦିର, ରାହାସ ଉତ୍ସବ ମଧ୍ୟ ବହୁ ଦିନରୁ ପାଳିତ ହୋଇଆସୁଛି । ଏବର୍ଷ ଉକ୍ତ ଉତ୍ସବକୁ ମନ୍ଦିରର ଅଧିକାରୀ ଦାମୋଦର ଦାସ, ବୃନ୍ଦାବନ ଦାସ, କାହ୍ନୁଚରଣ ଦାସ ଓ ଗ୍ରାମବାସୀ ଗନ୍ଧର୍ବ ପାଳ, କାଳନ୍ଦି ପରିଡା, ଉପେନ୍ଦ୍ର ସାହୁ, ସନାତନ ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ସହଯୋଗରେ ପାଳନ ହୋଇଅଛି ।

# ବଲାଙ୍ଗିର ନାଗରିକ କମିଟିର ସାଧାରଣ ପରିଷଦ ବୈଠକ

ବଲାଙ୍ଗିର,୭/୧୧ (ନି.ପ୍ର): ସ୍ଥାନୀୟ ଆଇନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ବଲାଙ୍ଗିର ନାଗରିକ କମିଟିର ସାଧାରଣ ପରିଷଦ ବୈଠକ ସଭାପତି ବେଲାରସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଂପାଦକ ମନୋରଂଜନ ସାହୁ ପୂର୍ବ ବିବରଣୀ ପାଠ କରି ବିଭିନ୍ନ ନୂତନ ପ୍ରସ୍ତାବ ଗୃହରେ ଆଗତ କରି ସଭାକୁ ସଂଯୋଜନା କରିଥିଲେ । ସଭା ପ୍ରାରମ୍ଭରେ କମିଟିର ପୂର୍ବତନ ଉପସଭାପତି ତଥା କୋଷାଧ୍ୟକ୍ଷ ବୃନ୍ଦାବନ ବରାଳ ଓ ଶିକ୍ଷାବିଦ୍ ପ୍ରଫେସର ରବି ଶଙ୍କର ପାଣ୍ଡିଆଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ସଭ୍ୟମାନେ ବୃନ୍ଦାବନ ବରାଳ, ନାଗରିକ କମିଟିରେ ଥିବା ତାଙ୍କର ସଂପୃକ୍ତି ଓ ଜୀବନର କେତେ ମହତ୍ୱପୂର୍ଣ୍ଣ ଭୂମିକା ଉପରେ ସ୍ମୃତିଚାରଣ କରିଥିଲେ । ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବନ୍ଧୁମିଳନରେ ଟିଟିଲାଗଡ, ପାଟଣାଗଡ, ତୁଷୁରାର ନାଗରିକ କମିଟିର ପ୍ରତିନିଧିମାନଙ୍କୁ ଅତିଥି ରୂପେ ନିମନ୍ତ୍ରଣ କରି ନାଗରିକ କମିଟିକୁ ସଂପ୍ରସାରଣ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନାରେ ଅନ୍ୟାନ୍ୟମାନଙ୍କ ମଧ୍ୟରୁ ପୂର୍ବତନ ସଭାପତି ବିକ୍ରମ ବହିଦାର, ଉପସଭାପତି ନିତ୍ୟାନନ୍ଦ ମିଶ୍ର, କୋଷାଧ୍ୟକ୍ଷ ଗଜେନ୍ଦ୍ର ଭମର, ଗୋପଭୂଷଣ ନାଥ, ଗୋପବନ୍ଧୁ ପୁରୋହିତ, ଅଶୋକ ମିଶ୍ର, କିଶୋର ମୋହନ ମିଶ୍ର, ନରେଶ ଦାଶ, ଆର୍ତତ୍ରାଣ ମିଶ୍ର ଓ ଶରତ ହୋତା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ପଞ୍ଚୁକ ଉପଲକ୍ଷେ ବିଭିନ୍ନ ମନ୍ଦିରମାନଙ୍କ ଭିଡ

ବସ୍ତା,୭/୧୧ (ନି.ପ୍ର): ସମଗ୍ର ବସ୍ତା ଅଞ୍ଚଳରେ ଗତଦୁଇ ବର୍ଷ ଧରି କକୋରନା ପାଇଁ ମଠ ମନ୍ଦିର ମାନଙ୍କରେ ଭିଡ ନହେବା ଭକ୍ତ ମାନଙ୍କୁ ପୂଜା ନ କିରିଦବା କଟକଣା ସରକାରଙ୍କ ପକ୍ଷରୁ ଥିଲା । ଏବ ବର୍ଷ ତାହା ନଥିବାରୁ ଏବେ ବିଷେଶ କରି ମହିଳା ଭକ୍ତ ମାନଙ୍କ ମନରେ ବେସ ଆନନ୍ଦ ଦେଖାଯାଉଛି ।ରାତି ଚାରିଟା ରୁ ଉଠି ନିତ୍ୟକ୍ରମ ସାରି ମନ୍ଦିର ପାଖରେ ପହଁଛି ମହିଳା ମାନେ ଏକଜୁଟ ହୋଇ ନାମକିର୍ତ୍ତନ କରିବା ସହିତ ପୂଜାଅର୍ଚ୍ଚନା କରିବା ବେସ ଉକ୍ତ ଗ୍ରାମର ପରିବେଷ କୁ ଆନନ୍ଦ ଦେଉଛି । ସେହିପରି ବ୍ରାହ୍ମଣଦା ଗ୍ରାମ ପଞ୍ଚାୟତ ହଳଦିଆପଡା ଗ୍ରାମ ରେ ଥିବା ମାଁ କାଳୀକା ଠାକୁରାଣି ଠାରେ ମହିଳା ମାନଙ୍କର ଭିଡ ଦେଖିବାକୁ ମିଳିଥିଲା ।

# ନୂଆସାହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରତ ସ୍କାଉଟ ଗାଇଡର ପ୍ରତିଷ୍ଠା ଦିବସ ପାଳିତ

ଉଦଳା,୦୭/୧୧ (ନି.ପ୍ର)- କପ୍ତିପଦା ସ୍ଥିତ ନୂଆସାହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରତ ସ୍କାଉଟ ଗାଇଡ ପ୍ରତିଷ୍ଠା ଦିବସ ଆଜି ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକଙ୍କ ସାଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରେର ରୋଭର ସ୍କ୍ରିଉ ମେୟରଙ୍କ ତରଫରୁ ସ୍ୱାଗତ ସଙ୍ଗୀତ ଗାନ ପରେ ରୋଭର ଲିଡର ଡକ୍ଟର ଧନୟ ରାଉତ ଏହି ଦିବସର ମହତ୍ୱ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବୟାନ ରଖିଥିଲେ । ୧୯୫୦ ମସିହାରେ ଆଜିର ଦିନରେ ଭାରତ ସ୍କାଉଟ ଗାଇଡର ପ୍ରତିଷ୍ଠା ହେବା ସହ ପ୍ରତିଷ୍ଠାତା ହ୍ରିଦୟନାଥ କୁଞ୍ଜରୁଙ୍କ ସ୍ମୃତିଚାରଣ କରିଥିଲେ । ସଭାପତି ତାଙ୍କ ଭାଷଣରେ ସ୍ୱେଚ୍ଛାସେବୀମାନେ ନିଷ୍ଠା ଓ ଆନ୍ତରିକତାରେ ସହ କର୍ମକଲେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ । ଅଧ୍ୟାପିକା ଲୀନା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି, ଅମ୍ବିକା ପ୍ରସାଦ ପୁଥାଳ, ଶଙ୍କର୍ଷଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଚନ୍ଦ୍ରଭାଗା ଅନୁଷ୍ଠାନର ପାକ୍ଷିକ ସୃଜନ ସଂସ୍କରଣ

ବାଲେଶ୍ୱର,୭/୧୧ (ନି.ପ୍ର): ଓଡ଼ିଶାର ଏକ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟ ଓ ସଂସ୍କୃତିର ଅନୁଷ୍ଠାନର ଚଳିତବର୍ଷ ଅଗଷ୍ଟମାସଠୁଁ ଏକ ପାକ୍ଷିକ ବୈଠକ ସ୍ଥାନୀୟ ଷ୍ଟେସନ କ୍ଲବ୍‌ରେ ଅନୁଷ୍ଠିତ ହୋଇଆସୁଛି । ଏଥର ବୈଠକରେ ବରେଣ୍ୟ ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଜଣାଇ ସେମାନଙ୍କ ଦୀର୍ଘ, ସୁସ୍ଥ ନିରାମୟ ଜୀବନଯାପନ କାମନା କରିବା ପରି 'ଚନ୍ଦ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୮ ନଭେମ୍ବର ୨୦୨୨

# ବୋଇତ ବନ୍ଦାଣ ଉତ୍ସବ

## ବିପିନ ବିହାରୀ ରାଉତ

ଆଜି ହେଉଛି କାର୍ତ୍ତିକ ପୂର୍ଣ୍ଣିମା, ଡଙ୍ଗା ଭସା ପର୍ବ । ପିଲାଠାରୁ ବୁଢ଼ା ଯାଏଁ ସମସ୍ତେ ପ୍ରାତଃକାଳରୁ ଗାଧୋଇ ପାଧୋଇ ନଈ, ନାଳରେ ଡଙ୍ଗା ଭସାଇବା ପାଇଁ ବାହାରବେ । ଏହାଦ୍ୱାରା ଯୁଗ ଯୁଗ ଧରି ଚାଲି ଆସୁଥିବା ବୋଇତ ବନ୍ଦାଣ ଉତ୍ସବର ପରମ୍ପରାକୁ ଉଜ୍ଜିବୀତ କରି ରଖାଯାଇଛି । କଳିଙ୍ଗର ବୀର ସାଧବଙ୍କ ଗାଥା ବହନ କରୁଛି ଏହି ଉତ୍ସବ । କାର୍ତ୍ତିକ ପୂର୍ଣ୍ଣିମା ସହିତ ଓଡ଼ିଶାର ପ୍ରାଚୀନ ଇତିହାସ ଓତଃପ୍ରୋତ ଭାବେ ଜଡ଼ିତ । ଐତିହାସିକ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କଲେ ସ୍ୱଷ୍ଟ ପ୍ରତୀୟମାନ ହୁଏ ଯେ ସମଗ୍ର ବିଶ୍ୱରେ ଭାରତ ଯେତେବେଳେ ଶୌର୍ଯ୍ୟ, ବୀର୍ଯ୍ୟ ଓ ସମ୍ପଦର ଚରମସୀମାରେ ଉପନୀତ ସେତେବେଳେ କଳିଙ୍ଗ ବା ଓଡ଼ିଶା ଥିଲା ତାର ମଉଡମଣି ତୁଲ୍ୟ । ଜଣାଯାଏ ଯେ ବୁଦ୍ଧଦେବଙ୍କ ଆବିର୍ଭାବର ବହୁ ପୂର୍ବରୁ କଳିଙ୍ଗ ନୌବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିଲା । ଖ୍ରୀଷ୍ଟପୂର୍ବ ପଞ୍ଚମ ଓ ଷଷ୍ଠ ଶତାବ୍ଦୀ କାଳରେ ଓଡ଼ିଶାରେ ନୌବାଣିଜ୍ୟ ପ୍ରଚଳିତ ଥିବା ସୂଚିତ ହୁଏ । ବୌଦ୍ଧଜାତକରୁ ଦୃଷ୍ଟିଗୋଚର ହୁଏ ଯେ, ବ୍ରହ୍ମଦେଶର ଦୁଇ ବଣିକ ଭ୍ରାତା ତପୁସ ଓ ପାଲିକତ ବୁଦ୍ଧଦେବଙ୍କୁ ଉପହାର ଦେବା ସକାଶେ ବୋଇତରେ ପାଞ୍ଚ ଶହ ଶଗଡ଼ ସାମଗ୍ରୀ ବୋଝେଇ କରି ମଗଧ ଯିବା ପଥରେ ବଙ୍ଗୋପସାଗର ଅତିକ୍ରାନ୍ତ ପୂର୍ବକ କଳିଙ୍ଗର ଆଡ଼ଜିତ୍ ବନ୍ଦରରେ ଅବତରଣ କରିଥିଲେ । ଅତଏବ ଆଡ଼ଜିତ୍ ସେ ସମୟରେ ଓଡ଼ିଶାର ଉପକୂଳବର୍ତ୍ତୀ ଏକ ପୋତାଶ୍ରୟ ଥିଲା ଏଥିରୁ ସ୍ୱଷ୍ଟ ହୋଇଥିଲା । ମେଗାସ୍ଥିନିସ୍‌ଙ୍କ ଭାରତ ବିବରଣୀରୁ ପରିଲକ୍ଷିତ ହୁଏ ଯେ ଖ୍ରୀଷ୍ଟପୂର୍ବ ଚତୁର୍ଥ ବା ପଞ୍ଚମ ଶତାବ୍ଦୀ କାଳରେ ମଧ୍ୟ ଲଙ୍କାଦ୍ୱୀପ

ସହିତ କଳିଙ୍ଗର ହାତୀ କାରବାର ଚାଲୁ ରହିଥିଲା । ହାତୀଗୁମ୍ଫା ଅନୁଶାସନରେ ମଧ୍ୟ ସମ୍ରାଟ ଖାରବେଳ ପାଣ୍ଡ୍ୟ ରାଜାଙ୍କ ଠାରୁ ହାତୀ ବୋଇତ ଉପହାର ପାଇଥିବାର ପ୍ରମାଣ ରହିଛି । ଏଥିରୁ ସ୍ୱଷ୍ଟ ଅନୁମାନ କରାଯାଇପାରେ ଯେ, ଖ୍ରୀଷ୍ଟପୂର୍ବ ଦୁଇଶହ ବର୍ଷ ପୂର୍ବେ ମଧ୍ୟ ଲଙ୍କା ବା ପଣ୍ୟ ରାଜ୍ୟ ସହିତ କଳିଙ୍ଗର ବାଣିଜ୍ୟ ସମ୍ପର୍କ ସ୍ଥାପିତ ହୋଇଥିଲା । ଅଶୋକଙ୍କ କଳିଙ୍ଗ ବିଜୟର ବହୁ ପୂର୍ବରୁ କଳିଙ୍ଗର ଲୋକମାନେ ବ୍ରହ୍ମଦେଶରେ ଉପନିବେଶ ସ୍ଥାପନ କରିଥିବାର ଜଣାଯାଏ । ମାଲୟେସିଆର ଲୋକମାନେ ଏବେ ମଧ୍ୟ ଭାରତୀୟମାନଙ୍କୁ କ୍ଲିଙ୍ଗ ବୋଲି ସମ୍ବୋଧନ କରନ୍ତି । ଏହି କ୍ଲିଙ୍ଗ ପ୍ରାଚୀନ କଳିଙ୍ଗ ଶବ୍ଦର ଅପଭ୍ରଂଶ ବ୍ୟତୀତ ଆଉ କିଛି ନୁହେଁ । ଚୀନ ପରିବ୍ରାଜକ ହୁଏନସାଂ ଏବଂ ଇ.ସିଂଙ୍କ ବିବରଣୀରୁ ମଧ୍ୟ ପ୍ରାଚୀନ କାଳରେ କଳିଙ୍ଗ ନୌବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା କଥା ଜଣାଯାଏ । ଖ୍ରୀଷ୍ଟିୟ ଷଷ୍ଠ ଶତାବ୍ଦୀ କାଳରେ ନିର୍ମିତ ଭୁବନେଶ୍ୱରସ୍ଥ ବୈତାଳ ମନ୍ଦିର ପ୍ରତି ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଯେ ଏହାର ଶର୍ଷଦେଶ ବୋଇତ ଢ଼ାଞ୍ଚାରେ ନିର୍ମିତ । ଅର୍କକ୍ଷେତ୍ର କୋଣାର୍କ ସମ୍ପର୍କରେ ଶାମ୍ବପୁରାଣରେ ଯେଉଁ ବର୍ଣ୍ଣନା ରହିଛି ସେଥିରୁ ମଧ୍ୟ କଳିଙ୍ଗର ପ୍ରାଚୀନ ନୌଯାତ୍ରା ସମ୍ପର୍କରେ କେତେକ ଆଭାସ ମିଳେ । ଏହି ପୁରାଣରେ ଉଲ୍ଲେଖ କରାଯାଇଛି ଯେ କୋଣାର୍କ ମନ୍ଦିରରେ ସୌରଦେବତାଙ୍କୁ ଅଣାଯାଇଥିଲା । କାରଣ ସେହିମାନେ ପ୍ରକୃତ ସୌର ଉପାସକ ରୂପେ ପରିଗଣିତ ହେଉଥିଲେ । ତେଣୁ ପର୍ସିଆରୁ ପୁରୋହିତ ଅଣାଯିବା ପ୍ରସଙ୍ଗରୁ ମଧ୍ୟ କୋଣାର୍କ ଏକ ସାମୁଦ୍ରିକ ପୋତାଶ୍ରୟ ଥିବା ଜଣାଯାଏ ।

ଖ୍ରୀଷ୍ଟିୟ ପଞ୍ଚମ ଶତାବ୍ଦୀରେ ଚୀନ ଓ ଉତ୍କଳ ରାଜାଙ୍କ ମଧ୍ୟରେ ଉପଢ଼ୌକନ ବିନିମୟ ହେଉଥିବା ଲଳିତ ବିସ୍ତର ଓ ସିୟୁକି ପ୍ରଭୃତି ବୌଦ୍ଧ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି । ରୋମସାମ୍ରାଜ୍ୟ ସହିତ ମଧ୍ୟ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା । କଳିଙ୍ଗର ସୂକ୍ଷ୍ମ ବସ୍ତ୍ର ବ୍ୟତୀତ ସମ୍ବଲପୁର ହୀରା ମଧ୍ୟ ସେଠାରେ ବିଶେଷ ଆଦର ଲାଭ କରିଥିଲା । ସମ୍ରାଟ ଖାରବେଳଙ୍କ ରାଜତ୍ୱ କାଳରେ ପାରସ୍ୟ ଉପକୂଳରେ କଳିଙ୍ଗର ବାଣିଜ୍ୟ କାରବାର ଚାଲୁଥିବା କଥା ଜୟସ୍ୱାଲ ପ୍ରମାଣ କରିଛନ୍ତି । କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ କଳିଙ୍ଗର ସାଧବ ପୁଅ ପାଲଟଣା ବୋଇତ ମାନଙ୍କରେ ସ୍ୱଦେଶୀ ରେଶମୀ ପାଟ, ସୂକ୍ଷ୍ମ ବସ୍ତ୍ର, ବିଭିନ୍ନ ସୁଗନ୍ଧ ଦ୍ରବ୍ୟ, କାରିଗର ଶିଳ୍ପ ସାମଗ୍ରୀ ଓ ସମ୍ବଲପୁର ଅଞ୍ଚଳର ବିଖ୍ୟାତ ହୀରା ନେଇ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ବାଲିଦ୍ୱୀପ ପ୍ରଭୃତିକୁ ଯାତ୍ରା କରୁଥିଲେ । ଏହି ସେହି ଦ୍ୱୀପମାନଙ୍କର ଏହି ସାମଗ୍ରୀ ବିକ୍ରି କରି ସ୍ୱଦେଶ ଅଭିମୁଖେ ଅଜସ୍ର ଧନସଂପଦ ଧରି ବାହୁଡ଼ି ଆସୁଥିଲେ । ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଜଣାଯାଏ ଯେ, ବର୍ଷର ଏହି ସମୟରେ ସାଧାରଣତଃ ଉତ୍ତର ଦିଗରୁ ପବନ ବହେ । ଯାହାଫଳରେ ପାଲଟଣା ବୋଇତଗୁଡ଼ିକ ଅନାୟାସରେ ଦରିଆ ପାର ହୋଇ ଉପରୋକ୍ତ ଦ୍ୱୀପମାନଙ୍କୁ ଯାତ୍ରା କରିପାରେ । ସେହିପରି ବେପାର ଶେଷ ବେଳକୁ ଆଷାଢ଼ ମାସର ଆରମ୍ଭରେ ପଶ୍ଚାତରୁ ପ୍ରବାହିତ ବାୟୁ ସଂଘାତ ଫଳରେ ଜାହାଜ ଗୁଡ଼ିକ ସୁରୁଖୁରୁରେ ବାହୁଡ଼ି ଆସେ । ତେଣୁ ବୋଇତ ଭସାଣବେଳେ ଉଚ୍ଚାରିତ 'ଆ, କା, ମା, ବୈ'ରୁ ଏହି ସମୟ ବାଣିଜ୍ୟ ପାଇଁ ଅନୁକୂଳ ପ୍ରତିପାଦିତ ହୋଇଥାଏ । ପ୍ରାଚୀନ କାଳରେ କଳିଙ୍ଗ ବାଣିଜ୍ୟ, ବ୍ୟବସାୟ, ସ୍ଥାପତ୍ୟ, ଶିଳ୍ପକଳା, ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ଚରମସୀମାରେ ଉପନୀତ ହୋଇଥିଲା । ସେହି ଗୌରବକୁ ସ୍ମରଣ କରିବା ସକାଶେ ଏବେ ପାରାଦ୍ୱୀପ ଓ ଚାନ୍ଦବାଲି ଠାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହେଉଛି । ସେଦିନର ସତ୍ୟ ଆଜିର ସ୍ମୃତିରେ ପରିଣତ ହୋଇ କେବଳ ବାଲିଯାତ୍ରା ଓ ବୋଇତ ବନ୍ଦାଣ ମାଧ୍ୟମରେ ଆମମାନଙ୍କୁ ସାମାନ୍ୟ ଆନନ୍ଦ ମାତ୍ର ପ୍ରଦାନ କରୁଛି ।

+ଶ୍ରୀବିହାର କଲୋନୀ, କଟକ
ମୋ : ୯୪୩୭୬୬୬୪୫୩

# ଗୌରବମୟ ଓଡ଼ିଶା ଇତିହାସ ଓ କଟକ ବାଲିଯାତ୍ରା

## ଡ଼ଃ.ଅରୁନ୍ଧତୀ ଦେବୀ

ପ୍ରାଚୀନ କଳିଙ୍ଗର ବହୁଳାଂଶ ଆଧୁନିକ ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇଛି । ବ୍ୟାପକ ଅର୍ଥରେ ଗଙ୍ଗାଠାରୁ ଗୋଦାବାରୀ ପର୍ଯ୍ୟନ୍ତ ବିସ୍ତୃତ ଉପକୂଳ ଅଞ୍ଚଳ ପ୍ରାଚୀନ କାଳରେ 'କଳିଙ୍ଗ' ନାମରେ ଅଭିହିତ ହେଉଥିଲେ ହେଁ ସଂକୀର୍ଣ୍ଣ ଅର୍ଥରେ ଆଧୁନିକ ଓଡ଼ିଶା ଯେ କଳିଙ୍ଗ ନାମରେ ଅଭିହିତ ହେଉଥିଲା, ଏହାର ଅକାଟ୍ୟ ପ୍ରମାଣମାନ ରହିଛି । ମହାଭାରତର ବନପର୍ବରେ ଲୋମଶ ମୁନି ଯୁଧିଷ୍ଠିରଙ୍କୁ କହିଛନ୍ତି – "ଏତେ କଳିଙ୍ଗାଃ କୌନ୍ତେୟ", ତତ୍ର ବୈତରଣୀ ନଦୀ ।"

ଉତ୍କଳର ମହାନତା ସମ୍ପର୍କରେ କପିଳ ସଂହିତାରେ ଉଲ୍ଲେଖ ଅଛି "ବର୍ଷାଣାମ୍ ଭାରତ ଶ୍ରେଷ୍ଠୋ, ଦେଶାନାମୁତ୍କଳ ଶ୍ଚୁତଃ, ଉତ୍କଳସ୍ୟ ସମୋଦେଶୋ ଦେଶନାସ୍ତି ମହୀତଳେ ।" ଭାରତବର୍ଷର ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ସମଗ୍ର ବିଶ୍ୱରେ ଭାରତ ଯେତେବେଳେ ଶୌର୍ଯ୍ୟ, ବୀର୍ଯ୍ୟ, ବିଭବ, ଗରିମାର ଚରମ ସୀମାରେ ଉପନୀତ ହୋଇଥିଲା, ସେତେବେଳେ ତତ୍କାଳୀନ କଳିଙ୍ଗ ତଥା ବର୍ତ୍ତମାନର ଓଡ଼ିଶା ମଧ୍ୟ ବେଶ ଅନୁରୂପ ଆସନର ଅଧିକାରୀ ହୋଇପାରିଥିଲା । ମେଗାସ୍ଥିନିସ୍‌ଙ୍କ ଭାରତ ବିବରଣୀରୁ ପରିଲକ୍ଷିତ ହୁଏ ଯେ ଖ୍ରୀଷ୍ଟପୂର୍ବ ୪ର୍ଥ-୫ମ ଶତାବ୍ଦୀ ସମୟରେ ଲଙ୍କାଦ୍ୱୀପ ସହ କଳିଙ୍ଗର ହାତୀ କାରବାର ଚାଲୁ ରହିଥିଲା । ସେହିପରି ମଗଧ ସମ୍ରାଟ ଖାରବେଳ ପାଣ୍ଡ୍ୟ ରାଜାଙ୍କଠାରୁ ହାତୀ ବୋଇତ ଉପହାର ପାଇଥିବାର ପ୍ରମାଣ ହାତୀଗୁମ୍ଫା ଅନୁଶାସନରେ ଲିପିବଦ୍ଧ । ସେହିପରି କଳିଙ୍ଗର ଲୋକମାନେ ବ୍ରହ୍ମଦେଶରେ ନିଜର ଉପନିବେଶ ସ୍ଥାପନ କରିଥିଲେ ଅଶୋକଙ୍କ କଳିଙ୍ଗ ବିଜୟର ବହୁ ପୂର୍ବରୁ । ସେହିପରି ଲଳିତ ବିସ୍ତର, ସିଉ ବଂଶ ପ୍ରଭୃତି ବୌଦ୍ଧଗ୍ରନ୍ଥର ତଥ୍ୟ ଅନୁଯାୟୀ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀରେ ଚୀନ ଓ ଉତ୍କଳ ରାଜାଙ୍କ ମଧ୍ୟରେ ଭାବଗତ ସମ୍ପର୍କ ସହ ଉପଢ଼ୌକନ ବିନିମୟ ହେଉଥିଲା । ସାଧବପୁଅମାନେ ବିଦେଶରୁ ବେପାର ବଣିଜ କରି ନୌବାଣିଜ୍ୟରେ ସ୍ୱତନ୍ତ୍ର ସ୍ଥାନ ରଖିଥିବା କଟକର ମହାନଦୀ ପଠାର ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତରରେ ବାଲିଯାତ୍ରା ଅବସରରେ ବେପାର ବଣିଜ କରୁଥିଲେ । ଓଡ଼ିଆ ସାଧବପୁଅମାନେ କାର୍ତ୍ତିକ ପୂର୍ଣ୍ଣିମୀରେ ନୌଯାତ୍ରା ଆରମ୍ଭ କରିଥାନ୍ତି । କାରଣ ଏହି ସମୟରେ ଝଡ଼ବର୍ଷାର ପ୍ରକୋପ ନଥାଏ ଓ ଉତ୍ତର ଦିଗରୁ ଯେଉଁ ପବନ ବହିଥାଏ, ତାହା ପାଲଟଣା ବୋଇତକୁ ଆଗେଇ ନେବା ପାଇଁ ସାହାଯ୍ୟ କରିଥାଏ ।

କଟକର ନାନା ପୁରାତନ ସଂସ୍କୃତି ଓ ଐତିହ୍ୟ ମଧ୍ୟରୁ ଐତିହାସିକ ବାଲିଯାତ୍ରା ତା'ର ଜ୍ୱଳନ୍ତ ସ୍ମାରକୀ । କର୍ପୂର ଉଡ଼ିଯାଇଛି, କନା ପଡ଼ିଛି ନ୍ୟାୟରେ ଆଜି ଆଉ ସାଧବ ପୁଅର ବୋଇତ ମହାନଦୀରୁ ବାଲିଦ୍ୱୀପକୁ ଯାଉନାହିଁ, କିନ୍ତୁ ସେହି ସ୍ମୃତି ବିଜଡ଼ିତ ସମୃଦ୍ଧିକୁ ସ୍ମରଣକରି କଦଳୀ ଓ ସୋଲ ଡଙ୍ଗାରେ ଦୀପଜାଳି, ପାନ, ଗୁଆ, କର୍ପୂର ଦେଇ ବୋଇତ ବନ୍ଦାଯାଇଥାଏ । ଜନ୍ ବୀମ୍ସଙ୍କ 'ଜଣେ ଶାସକର ସ୍ମୃତି' ଡଃ ଶ୍ୟାମସୁନ୍ଦର ମିଶ୍ରଙ୍କ ତଥ୍ୟ ଅନୁଯାୟୀ ୧୮୬୯ ମସିହାରେ କଟକ ସହରର ଲୋକସଂଖ୍ୟା ଥିଲା ୩୭୨୮୦ । ସେତେବେଳେ ସମୁଦାୟ ଘର ଥିଲା

୮୮୪୬ଟି । କ୍ୟାଣ୍ଟନମେଣ୍ଟରେ ଥିବା ୨୬୩ଟି ସ୍ୱତନ୍ତ୍ର ଘର ବାୟୁସେନା, ପଦାତିକ ସେନା ଓ ନୌସେନା ପାଇଁ ରହୁଥିଲା । ସେ ସମୟରେ ପ୍ରତି ଶନିବାର ଦିନ କଟକରେ ତୋପ ଫୁଟାଯାଉଥିଲା । ସେ ତୋପଫୁଟା ସମୟକୁ ଦେଖି ସହରବାସୀ ଆପଣାର ଘଡ଼ି ସମୟକୁ ମିଳେଇ ଦେଉଥିଲେ । ମହାନଦୀ ଘାଟରେ ବଡ଼ ବଡ଼ ଜଳଜାହାଜ ଲାଗୁଥିଲା, ଯାହାକି ତାଳଦଣ୍ଡା କେନାଲ ପର୍ଯ୍ୟନ୍ତ ଆସୁଥିଲା । ପରବର୍ତ୍ତୀ ସମୟରେ ନୌକାଦ୍ୱାରା ଏହା ସହରକୁ ଆସି ତତ୍କାଳୀନ ଭୋଜପୁରୀ, ମାରୁଆଡ଼ି ଓ ତେଲେଙ୍ଗା ମହାଜନଙ୍କ ଦ୍ୱାରା ବ୍ୟବସାୟ ପରିଚାଳନା ହେଉଥିଲା ।

ସ୍ମୃତି ବିଜଡ଼ିତ ହଜାରେ ବର୍ଷର କଟକ ସହର ଯେଉଁ ତାରକସି କାମ ପାଇଁ ନିଜର ସ୍ୱତନ୍ତ୍ରତା ରଖିଛି, ତା ପଛରେ ବାଲିଯାତ୍ରାର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଜନ୍ ବୀମ୍ସଙ୍କ ଶାସନକାଳ ଓଡ଼ିଶାରେ ଥିଲା ୯ ବର୍ଷ (୧୮୬୯-୧୮୭୮) । ବୀମ୍ସ ସାହେବଙ୍କ ସମୟରେ ବାଲିଯାତ୍ରାକୁ ସ୍ୱତନ୍ତ୍ର ଭାବେ ମର୍ଯ୍ୟାଦା ଦେବା ପାଇଁ ସେ ଅକ୍ଳାନ୍ତ ଉଦ୍ୟମ କରିଥିଲେ । ଯୋଗାଯୋଗର ସୁବିଧା ସହ ଶିକ୍ଷା ଓ ପାନୀୟ ଜଳର ବ୍ୟାପକ ବ୍ୟବସ୍ଥା ସେ କରିଥିଲେ । ବାଲିଯାତ୍ରାର ସ୍ମୃତି କେବଳ ହଜାରେ ବର୍ଷର ସମୃଦ୍ଧିରେ ପରିପୂର୍ଣ୍ଣ ହୋଇଥିବା କଟକର ଅତୀତ ଗୌରବ ବା ସାଧବ ପୁଅର ପରମ୍ପରାକୁ ଗୌରବାନ୍ୱିତ କରେନା ବରଂ ଶିଳ୍ପ, କଳା, ଭାସ୍କର୍ଯ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ସାଂସ୍କୃତିକ ବିକାଶ, ଶିଳ୍ପୀମାନଙ୍କର କୃତିତ୍ୱ ପ୍ରଦର୍ଶନ, ସର୍ବୋପରି ବନ୍ଧୁ, ଆତ୍ମୀୟ ଓ ଶୁଭେଚ୍ଛୁମାନଙ୍କର ମିଶିବାର ଅପୂର୍ବ ସୁଯୋଗ ଦେଇଥାଏ । ଗଡ଼ଗଡ଼ିଆ ଘାଟର ଗଡ଼ଗଡ଼େଶ୍ୱର ହୁଅନ୍ତୁ ବା ଗଡ଼ଚଣ୍ଡୀ ହୋଇଥାଉ ପାରେ ବାରବାଟୀ ଦୁର୍ଗ ଏ ସବୁଥିରେ ବାଲିଯାତ୍ରାର ଚମକ ରହିଛି । ଦିନ ଥିଲା ଏହି ଐତିହାସିକ ବାରବାଟୀ ଦୁର୍ଗରେ ଗଜପତି ରାଜାଙ୍କୁ ଅଟକ ରଖାଯାଇଥିଲା । ଆଉ ଗଜପତି କାନ୍ଦି କାନ୍ଦି ଜଗନ୍ନାଥଙ୍କୁ ବିନୀତ ପ୍ରାର୍ଥନା କରୁଥିଲେ, ଆହେ ନୀଳାଦ୍ରି ବିହାରୀ, କଟକେ ଅଟକ ହେବାରୁ ମୋ ଦିନ ସରୁନାହିଁ ଝୁରି ଝୁରି, ସିନ୍ଧୁସୁତାପତି କିବା ମୋ ବିପତ୍ତି ପ୍ରତାପେ ହେଉଛି ଘାରି, ଦିବ୍ୟସିଂହ ଦେବ କାହାକୁ କହିବ ଆପଣ ନ କଲେ ପାରି'' । ଉତ୍କଳର ନୌବାଣିଜ୍ୟ ପରମ୍ପରା ସାଧବପୁଅର ବୋଇତଯାତ୍ରା ଆଉ ବାଲିଯାତ୍ରା ଏ ସବୁ ଭିତରେ ପ୍ରାଚୀନ କଟକ ଆଉ ମହାନଦୀ ପଠାର ବାଲିଯାତ୍ରାର ମହକ ସତରେ ନିଆରା । ଏହି ଯାତ୍ରାରେ ସାମିଲ ହୋଇ ଏହି ଜାତିର ନିର୍ଯ୍ୟାସକୁ ଅନ୍ତଚେତନାରେ ଅନୁଭବତା କରିବା ହିଁ ଯଥାର୍ଥତା ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦

## ବାଦଲ ଭୂୟାଁ

# ଆ.କା.ମା.ବୈ

ଓଡ଼ିଆ ଭାଷାରେ ପ୍ରଚଳିତ ରହିଛି ଏମିତି ଏକ କଥା । ବର୍ଷକେ ଥରେ କାର୍ତ୍ତିକ ମାସରେ ଏହି କଥାଟି ଆପଣା ଛାଏଁ ଚାଲି ଆସେ ମନକୁ । ଏତେବେଳେ ବୟସ ନିର୍ବିଶେଷରେ ପ୍ରାୟ ଓଡ଼ିଆ ପୁଷ୍କରିଣୀ ବା ସମୁଦ୍ରରେ ଭସାଉଥାଏ କଦଳୀ ପାଟୁକାରେ ତିଆରି ଡଙ୍ଗା ।

କାର୍ତ୍ତିକ ମାସ : ପୌରାଣିକ, ଧାର୍ମିକ ତଥା ଭୌଗୋଳିକ ଦୃଷ୍ଟିକୋଣରୁ କାର୍ତ୍ତିକ ମାସର ମଧ୍ୟ ଗୁରୁତ୍ୱ ରହିଛି । ଅନୁରୂପ ପ୍ରଭାବ ରହିଛି ଜନଜୀବନରେ । କେବଳ ଜନଜୀବନ କାହିଁକି ପକ୍ଷୀ ଜଗତ ବି କାଳେ ମାନନ୍ତି ଏହି ମାସକୁ । କୁହାଯାଏ କାର୍ତ୍ତିକ ମାସ ଶେଷ ପାଞ୍ଚଦିନ ପଞ୍ଚକ ସମୟରେ ବଗ ବି କାଳେ ମାଛ ଛୁଏଁନି । ଏହା କଥାର ଏକ ଛଟା ହେଉ ବା ଆଉ କିଛି, ଋତୁ ଚକ୍ରରେ ଶରତ ଋତୁ ହିଁ ଆଣି ଆସେ ଏଇ କାର୍ତ୍ତିକ ମାସକୁ । ଏହି ସମୟରେ ଆକାଶ ସାଧାରଣତଃ ମେଘମୁକ୍ତ ରହିଥାଏ । ବିଶେଷକରି ଆଶ୍ୱିନ, କାର୍ତ୍ତିକ ଓ ମାର୍ଗଶୀର ଏହି ତିନିମାସ ଅନ୍ୟ ମାସଗୁଡ଼ିକ ତୁଳନାରେ ଥାଏ ଶାନ୍ତି । ପୁନଶ୍ଚ ଧର୍ମ ମାସ କାର୍ତ୍ତିକ ହୋଇଥାଏ ଶୁଭପ୍ରଦ । ଏ ସମୟରେ ସମୁଦ୍ର ଶାନ୍ତ ଥାଏ । ତେଣୁ ନୌବାଣିଜ୍ୟ ପାଇଁ ଏହା ଅତ୍ୟନ୍ତ ପ୍ରକୃଷ୍ଟ ସମୟ । ଦରିଆରେ ବୋଇତ ମେଲି ଦେବାରେ ନଥାଏ ଭୀତି ।

ନୌବାଣିଜ୍ୟର ସ୍ମୃତି : ଅତୀତରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ଉତ୍କଳର ସାଧବ ପୁଅମାନେ ସେମାନଙ୍କର ବିଭିନ୍ନ କାରିଗରୀ, ଶିଳ୍ପ, ବସ୍ତ୍ର, ସୁଗନ୍ଧ ଦ୍ରବ୍ୟ, ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ନେଇ ବେପାର ପାଇଁ ବୋଇତରେ ଅଝାଲ ଭିଡ଼ି ପାରି ହୁଅନ୍ତି ସାତ ଦରିଆ ତେର ନଈ । ଜାଭା, ସୁମାତ୍ରା, ବୋର୍ଣ୍ଣିଓ ପ୍ରଭୃତି ଦେଶରେ ସେମାନେ କରୁଥିଲେ ବେପାର ବଣିଜ । ରହୁଥିଲେ ବର୍ଷ ବର୍ଷ । ତାପରେ ସୁନା, ରୂପା, ମଣି, ମୁକ୍ତା ପ୍ରଭୃତି ମୂଲ୍ୟବାନ ଧାତୁମାନ ସଂଗ୍ରହ କରି ନିଜ ସାମଗ୍ରୀର ବିକ୍ରିବଟା ପରେ ଧନଧାନ୍ୟ ହୋଇ ଫେରୁଥିଲେ ସ୍ୱଦେଶ । ସେମାନଙ୍କର ପ୍ରତ୍ୟାବର୍ତ୍ତନ ଆଣି ଦେଉଥିଲା ଶାନ୍ତି, ମୈତ୍ରୀ ଓ ପ୍ରୀତିର ସନ୍ଦେଶ । କେବଳ ସେତିକି ନୁହେଁ ତାହା ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ଓ ଆତ୍ମୀୟତାଭାବ ସୃଷ୍ଟି କରୁଥିଲା । ସେଇ ମହାନ ସ୍ମୃତିରେ ଏବେ ବି କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥି ହୋଇଛି ବୋଇତ ବନ୍ଦାଣ ଓ ଭସାଣର ପ୍ରତୀକ । କି ବୃଦ୍ଧା, ମହିଳା ଓ ପୁତ୍ର କନ୍ୟା ସଭିଏଁ ସେ ଦିନ ସେଇ ମହାନ ସଂସ୍କୃତିର ଅଂଶ ହୋଇଯାଆନ୍ତି । କଦଳୀ ପାଟୁକାରେ ଡଙ୍ଗା ତିଆରି କରି ସେଥିରେ ପାନଗୁଆ ସଜାଇ ସଳିତା ସଜାଡ଼ି ତାହାକୁ ନଦୀ, ସମୁଦ୍ର ଓ ପୁଷ୍କରିଣୀରେ ଭସାଇ ଦିଅନ୍ତି ।

ବୋଇତ ବନ୍ଦାଣ ଉତ୍ସବ : କେବଳ ଧର୍ମଧାରାରେ ଯେ ଏହି ଉତ୍ସବ ପାଳିତ ହୁଏ ତାହା ନୁହେଁ ସରକାରୀ ସ୍ତରରେ ଏହି ଐତିହାସିକ କୀର୍ତ୍ତିର ରୋମନ୍ଥନ ବି କରାଯାଏ । ପାରାଦ୍ୱୀପରେ ଅନୁଷ୍ଠିତ ହୁଏ ବର୍ଣ୍ଣାଢ଼୍ୟ ବୋଇତ ବନ୍ଦାଣ ଉତ୍ସବ । ଅନୁଷ୍ଠିତ ହୁଏ କଟକର ବାଲିଯାତ୍ରା ଉତ୍ସବ । ଏହି ବାଲିଯାତ୍ରା ଉତ୍ସବ କେବେ ଠାରୁ ଓ କାହିଁକି ପ୍ରଚଳିତ ହୋଇଛି ତାର ସଠିକ ତଥ୍ୟ ପ୍ରମାଣ ନାହିଁ । ଐତିହାସିକ ଗବେଷକମାନେ ମଧ୍ୟ ଏହା ଉପରେ ଭିନ୍ନ ଭିନ୍ନ ମତ ପୋଷଣ କରିଥାନ୍ତି । କେତେକଙ୍କ ଯୁକ୍ତି କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରୀଚୈତନ୍ୟ ମହାପ୍ରଭୁ କଟକରେ ପଦାର୍ପଣ କରି ଉଦ୍ଦଣ୍ଡ ନୃତ୍ୟ ସହକାରେ ବିଭୁ ପ୍ରେମରେ ଆତ୍ମ ବିସ୍ମୃତ ହୋଇ ମହାନଦୀର ବାଲିଘାଟରେ ଗଡ଼ିଥିଲେ । ସେହିଦିନ ଠାରୁ କାଳେ ଏ ପବିତ୍ର ଘାଟ ଗଡ଼ଗଡ଼ିଆ ଘାଟ ନାମରେ ପରିଚିତ ହୋଇଛି । ଆଉ ସେହି ସୁବର୍ଣ୍ଣ ସ୍ମୃତିକୁ ସାଉଁଟି ଆୟୋଜିତ ହୋଇଆସୁଛି ବାଲିଯାତ୍ରା ଉତ୍ସବ । ଅନ୍ୟ ଗୋଟିଏ ମତ ହେଲା ଏହି ଦିନ ବେପାର ବଣିଜ ସାରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଥିବା ସାଧବମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏପରି ଏକ ଉତ୍ସବ ଆୟୋଜିତ ହୋଇ ଆସ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୦୮ ନଭେମ୍ବର ୨୦୨୨, ମଙ୍ଗଳବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଶୀତ ଓ ଶପଥ...

ଶୀତ ଋତୁର ଆଗମନ ଫଳରେ ଦେଶର ସହରାଂଚଳଗୁଡ଼ିକରେ ବାୟୁ ପ୍ରଦୂଷଣ ଯୋଗୁଁ ଯେଉଁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇଥାଏ, ତାହା କେମିତି ଦୂର କରାଯାଇପାରିବ, ସେଥିପାଇଁ ସରକାରର ମୁଖ୍ୟମାନେ, ବିଶେଷକରି ଉତ୍ତର ଭାରତ ଓ ଦିଲ୍ଲୀ ସରକାରର ମୁଖ୍ୟ ଭିନ୍ନ କିଛି କରିବାକୁ ଶପଥ ନିଅନ୍ତି, ଅଥଚ ବର୍ଷେ ପରେ ଯେଉଁ ଅବସ୍ଥାକୁ ସେଇ ଅବସ୍ଥା ଦେଖାଦିଏ । ନଭେମ୍ବର ମାସ ଆସିଲେ ଦିଲ୍ଲୀର ବାୟୁ ଏକ ନିର୍ଦ୍ଦିଷ୍ଟ ପଏଣ୍ଟ ପର୍ଯ୍ୟନ୍ତ ବିଷାକ୍ତ ହୋଇଉଠେ, ଯାହା ମଣିଷମାନଙ୍କ ଶ୍ୱାସକ୍ରିୟା ନିମନ୍ତେ ଅନୁକୂଳ ହୋଇନଥାଏ । ବାୟୁ ମଣ୍ଡଳ ଧୂମାଚ୍ଛାଦିତ ଘନ କୁହୁଡ଼ି ବା ସ୍ମଗ୍‌ରେ ଭର୍ତ୍ତି ହୋଇଯାଏ । ବାୟୁରମାନ ସୂଚକାଙ୍କ ଭୟଙ୍କର ଭାବରେ ବୃଦ୍ଧି ପାଏ; ଦେଶର ଏହି ରାଜଧାନୀ ସହର ଆପାତତଃ ଏକ ଗ୍ୟାସ୍ ପ୍ରକୋଷ୍ଠରେ ପରିଣତ ହୋଇଯାଏ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ମଣିଷର ସ୍ୱାସ୍ଥ୍ୟ ଉପରେ ମାରାତ୍ମକ ପ୍ରଭାବ ପକାଇ ଥାଏ । ଦିଲ୍ଲୀର ହସପିଟାଲଗୁଡ଼ିକରେ ଶ୍ୱାସ ଓ ଫୁସ୍‌ଫୁସ୍-ସମ୍ପର୍କିତ ରୋଗୀଙ୍କ ଭିଡ଼ ଦେଖାଯାଏ । କେବଳ ଏତିକି ନୁହେଁ, ଏଥିରୁ ସହଜରେ ଶୀଘ୍ର କୌଣସି ମୁକ୍ତି ପାଇବାର ଉପାୟ ମଧ୍ୟ ଦିଶେନାହିଁ । ସଦ୍ୟତମ ସମ୍ବାଦ ମୁତାବକ ଦିଲ୍ଲୀର ଏକ୍ୟୁଆଇ ୫୦୦ ମାର୍କ ଟପି ସାରିଛି । ଦୀପାବଳିରେ ବାଣଫୁଟା ଏବଂ ଏହା ପୂର୍ବରୁ ବାୟୁରେ ମିଶି ରହିଥିବା ଫସଲର ଅବଶିଷ୍ଟାଂଶ ପୋଡ଼ିଜନିତ ଧୂଆଁ ମିଶିଯିବା ପରେ ଅବସ୍ଥା ଅସମ୍ଭାଳ ହୋଇଉଠେ । ଚଳିତ ବର୍ଷ ଅବଶ୍ୟ ଦୀପାବଳି ପରେ ଦିଲ୍ଲୀରେ ଏକ୍ୟୁଆଇ ମାତ୍ର ୪୪ ଥିଲା, କିନ୍ତୁ ଧୀରେ ଧୀରେ ଏହା ବଢ଼ି ମାରାତ୍ମକ ଅବସ୍ଥାକୁ ଆପଣାଇଛି । ଦ ସିଷ୍ଟମ୍ ଅଫ୍ ଏୟାର କ୍ୱାଲିଟି ଆଣ୍ଡ ୱେଦ୍‌ର ଫୋରକାଷ୍ଟିଂ ଆଣ୍ଡ ରିସର୍ଚ୍ଚ ଭବିଷ୍ୟବାଣୀ କରିଛି ଯେ ଦିଲ୍ଲୀ-ଏନସିଆର ଅଂଚଳରେ ବାୟୁର ମାନ ଆଗାମୀ ଦିନମାନଙ୍କରେ ତାପମାତ୍ରା କମିବା ସହିତ ଅଧିକ ଖରାପ ହେବ । ଦିଲ୍ଲୀ ଏମିତି ଅବସ୍ଥାକୁ ବେଶ୍ କେତେ ବର୍ଷ ହେବ ଲଗାତାର ଭାବରେ ଭୋଗି ଆସୁଛି । ହେଲେ ପ୍ରତିକାରର ବ୍ୟବସ୍ଥା କ୍ୱଚିତ୍ କିଛି ଆଖିଦୃଶିଆ ହେଉଛି- ବାୟୁମଣ୍ଡଳକୁ ପରିଷ୍କାର ରଖିବାକୁ ଲଗାତାର ନିଷ୍ପାପର ଭାବେ ଉଦ୍ୟମ କରାଯିବ ନାହିଁ, ବରଂ ବିଶେଷଜ୍ଞମାନେ କେତେକ ପ୍ରତିକାରମୂଳକ ପଦକ୍ଷେପ ସମ୍ପର୍କରେ ପରାମର୍ଶ ଦେବେ, କୋର୍ଟଗୁଡ଼ିକ ସହରାଂଚଳ କର୍ତ୍ତୃପକ୍ଷମାନଙ୍କୁ ଏହାକୁ ରୋକିବା ଉଦ୍ଦେଶ୍ୟରେ କିଛି କରିବା ପାଇଁ ଗାଳି ଦେବେ, ଆଉ ସବୁଠୁ ଯନ୍ତ୍ରଣାଦାୟକ ଭାବରେ ରାଜନୀତିକ ଆରୋପ ପ୍ରତ୍ୟାରୋପ ଲାଗି ରହିବ । ଏଥର ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି । ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ତାଙ୍କର ପଂଜାବ ପ୍ରତିପକ୍ଷ ଭଗୱନ୍ତ ମାନଙ୍କ ସହିତ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି କହିଛନ୍ତି ଯେ 'ପଞ୍ଜାବରେ କୃଷି କ୍ଷେତ୍ରରୁ ସୃଷ୍ଟି ଧୂଆଁ ପାଇଁ ଆମେ ସମ୍ପୂର୍ଣ୍ଣ ଭାବରେ ଦାୟୀ ବୋଲି ସ୍ୱୀକାର କରୁଛୁ ।' ପଞ୍ଜାବରେ ଆପ୍ ମାତ୍ର ଅଳ୍ପ କେତେ ମାସ ହେବ ଶାସନ କ୍ଷମତାକୁ ଆସିଛି । ପରୋକ୍ଷରେ ଆପ୍ ମୁଖ୍ୟ ଏହି ରାଜ୍ୟର ପୂର୍ବ ସରକାରଙ୍କ ଅପାରଗତା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ଠିକ୍ ଯେମିତି ମୋଦୀ ସରକାର କଂଗ୍ରେସ ସରକାର ଆଡ଼କୁ କରୁଛନ୍ତି କି ତାଙ୍କ ପୂର୍ବରୁ କଂଗ୍ରେସ ସରକାର ବ୍ରିଟିଶ ଶାସନକୁ କରୁଥିଲେ । ତେବେ କ୍ରେଜିୱାଲ ଆଶ୍ୱାସନା ଦେଇଛନ୍ତି ଯେ 'ଆସନ୍ତା ବର୍ଷ ବେଳକୁ କୃଷି କ୍ଷେତ୍ରରେ ଫସଲର ଅବଶିଷ୍ଟାଂଶ ପୋଡ଼ି' କମିଯିବ, କାରଣ ତାଙ୍କ ସରକାର ଏ ବାବଦରେ ପଦକ୍ଷେପ ନେଉଛନ୍ତି । ଅର୍ଥାତ ମୋଟାମୋଟି ଭାବରେ କେଜ୍ରିୱାଲ ସୂଚନା ଦେଇଛନ୍ତି ଯେ ଆସନ୍ତା ବର୍ଷ ବେଳକୁ ଅଚ୍ଛେଦିନ୍ ଆସିଯିବ । ସଫର ଏବଂ ସିଏସ୍‌ଇ ଭଳି ସଂସ୍ଥାଙ୍କ ଦ୍ୱାରା ସଂଗ୍ରହ କରାଯାଇଥିବା କେତେକ ନିର୍ଭରଯୋଗ୍ୟ ତଥ୍ୟ ଅନୁସାରେ ଦେଶର ରାଜଧାନୀର ପ୍ରଦୂଷଣ ପାଇଁ ମୋଟ ପାର୍ଟିକ୍ୟୁଲେଟ୍ ମ୍ୟାଟର ୨.୫ କ୍ଷେତ୍ରରେ ଫସଲର ଅବଶିଷ୍ଟାଂଶ ପୋଡ଼ି ଏକ-ତୃତୀୟାଂଶ ପୋଡ଼ି ଏକ-ତୃତୀୟାଂଶ ଅବଦାନ ରଖିଥାଏ ଏବଂ ତା' ପଛକୁ ରହିଥାଏ ଯାନବାହନରୁ ନିର୍ଗତ ଧୂଆଁ ଯାହାର ଅବଦାନ ହେଉଛି ୧୭ ପ୍ରତିଶତ । ଇତ୍ୟବସରରେ ଦିଲ୍ଲୀର କେଜ୍ରିୱାଲ ସରକାର ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ବନ୍ଦ ରଖିବାକୁ ଘୋଷଣା କରିବା ସହିତ ସହର ମଧ୍ୟକୁ ଟ୍ରକ ଗୁଡ଼ିକର ପ୍ରବେଶ ଉପରେ ନିଷେଧାଦେଶ ଜାରି କରିସାରିଛନ୍ତି; ୫୦ ପ୍ରତିଶତ ସରକାରୀ କର୍ମଚାରୀଙ୍କୁ 'ୱାର୍କ ଫ୍ରମ୍ ହୋମ୍' ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଶୀତ ଦିନେ ସରକାର ପ୍ରୟୋଗ କରୁଥିବା ଅଡ୍-ଇଭିନ୍ ଯୋଜନାକୁ ମଧ୍ୟ କାମରେ ଲଗାଇବାକୁ ଚିନ୍ତା କରୁଛନ୍ତି । ସମୟ ଉପଗତ ହୋଇଛି, କେବଳ ଦିଲ୍ଲୀ ବା ଏନସିଆର ନୁହେଁ, ଦେଶର ସବୁ ରାଜ୍ୟର ସରକାରମାନେ ସେମାନଙ୍କ ରାଜ୍ୟମାନଙ୍କରେ ଅବସ୍ଥିତ ସହରଗୁଡ଼ିକର ବାୟୁମଣ୍ଡଳକୁ ପରିଷ୍କାର ରଖିବାକୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଶପଥ କରିବା ଉଚିତ୍, କାରଣ ଏହା କେବଳ ମାନବ ଜୀବନ ହାନି ଘଟାଇନଥାଏ, ରାଜ୍ୟ ଏବଂ ଦେଶର ଅର୍ଥନୀତି ଉପରେ ମଧ୍ୟ ଏହାର ହାନିକାରକ ପ୍ରଭାବ ପଡ଼ିଥାଏ ।

# କଳିଙ୍ଗର ନୌବାଣିଜ୍ୟ ଓ ବାଲିଯାତ୍ରା

**ଅକ୍ଷୟ କୁମାର ରାଉତ**

ପ୍ରତ୍ୟେକ ଜାତି ବା ଦେଶର ସାଂସ୍କୃତିକ ଜୀବନ କ୍ଷେତ୍ରରେ ପର୍ବପର୍ବାଣୀ, ଯାନି, ଯାତ୍ରା ଓ ଉତ୍ସବର ଅତି ମହତ୍ୱପୂର୍ଣ୍ଣ ସ୍ଥାନ ରହିଅଛି । ପ୍ରାଚୀନ କଳିଙ୍ଗ ନୌବାଣିଜ୍ୟ ଗାରିମାମୟ ଅଧ୍ୟାୟ କାଳଜୟୀ ପରମ୍ପରା ବିଶ୍ୱ ବନ୍ଦନୀୟ । ଓଡିଶାର ନୌବାଣିଜ୍ୟ ବହୁ ପ୍ରାଚୀନ, ଏହି କଥା ଲୋକଶ୍ରୁତି ଓ ଇତିହାସରୁ ଜଣାଯାଏ । ତତ୍କାଳୀନ ସମୟରେ କଳିଙ୍ଗ ଜାତିର ଦୁର୍ଦ୍ଧର୍ଷ ପଣିଆ ସାରା ପୃଥିବୀରେ କଳିଙ୍ଗାଃ ସାହାସିକାଃ ରୂପେ ପରିଗଣିତ ହୋଇଥିଲା । ମେଘାସ୍ଥିନସଙ୍କ ବିବରଣୀରୁ ଜଣାଯାଏ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ କଳିଙ୍ଗରେ ନଦୀପଥ ଓ ସମୁଦ୍ର ପଥରେ ନୌବାଣିଜ୍ୟ ଚାଲୁଥିଲା । ଇତିହାସ କହେ କଳିଙ୍ଗର ନୌବାଣିଜ୍ୟ ବିଶ୍ୱ ବିଖ୍ୟାତ । ସେତେବେଳେ ଆମର ବହୁତ ପ୍ରସିଦ୍ଧ ବନ୍ଦର ଥିଲା, ତାହା ହେଉଛି - ନନୀଗେନ, କାଟିକର୍ଦ୍ଦମ, ପଲୌରା, କୋଳନଗର, କୋଶମ୍ବ, ମନୋଜ, ଦୋସରମ୍, ତନ୍ଦିସ୍, ଗଙ୍ଗେ, ତାମଲିତି, ପଲୋରା, କଂଟକସିଲାଇ, ଦନ୍ତପୁର । ଏହା ବ୍ୟତୀତ ଅନ୍ୟ ବନ୍ଦରଗୁଡିକ ହେଲା - ପିପିଲି, ଚାନ୍ଦବାଲି, ଧାମରା, ପାରାଦ୍ୱୀପ, ଚେଳିତୋଳ, ପୁରୀ, ଚିଲିକା ଆଦି ପ୍ରାଚୀନ ବନ୍ଦର ଥିବାର ପ୍ରମାଣ ମିଳେ ।

ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା କଳିଙ୍ଗର ସାମ୍ରାଜ୍ୟ । ସେତେବେଳେ ତାମଲିତି ବା ତାମ୍ରଲିପ୍ତି କଳିଙ୍ଗର ଶ୍ରେଷ୍ଠ ବନ୍ଦର ଥିଲା । ଏହି ତାମ୍ରଲିପ୍ତି ବନ୍ଦରରୁ କଳିଙ୍ଗର ସାଧବ ପୁଅମାନେ ଚୀନ, ସିଂହଳ, ଇଣ୍ଡୋନେସିଆ, ମାଳୟ, ବ୍ରହ୍ମଦେଶ, ଥାଇଲାଣ୍ଡ ଓ ଭିଏତ୍‌ନାମ୍ ଆଦି ଦେଶକୁ ଯାଉଥିଲେ ପାଲଟଣା ବୋଇତରେ । ସାଧବମାନେ ସାଙ୍ଗରେ ନେଉଥିଲେ, ସମ୍ବଲପୁରୀ ବସ୍ତ୍ର, କଟକର ତାରକସି କାରୁକାର୍ଯ୍ୟ, କାଠ, ପଥର ଖୋଦେଇ ମୂର୍ତ୍ତି ଓ ବିଭିନ୍ନ ସୁଗନ୍ଧ ସାମଗ୍ରୀ । ବିଦେଶରୁ ଆମଦାନୀ କରୁଥିଲେ ସୁନା, ରୂପା, କାଚର ଅଳଙ୍କାର, ଚନ୍ଦ୍ରକାନ୍ତମଣି, ସିଙ୍ଗ ପାନିଆ, ଚୀନ ଦେଶର ରେଶମୀ ବସ୍ତ୍ର, ବାଘ ନଖର ମାଳି, ହାତୀଦାନ୍ତର ଫରୁଆ ଇତ୍ୟାଦି ।

ଅଧିକ ପରିବହନ ଥିବା ହାତୀ ଜାହାଜ କଳିଙ୍ଗର ଥିଲା । କଳିଙ୍ଗର ରାଜା ହାତୀ କିଣୁଥିଲେ ଓ ହାତୀ ବୋଇତରେ ହାତୀମାନଙ୍କୁ ଦେଶ ବିଦେଶକୁ ପଠାଉଥିଲେ । ଏହି ବୋଇତ ବା ଅର୍ଣ୍ଣବପୋତ ସାହାର୍ଯ୍ୟରେ କଳିଙ୍ଗ ଜାତିର ପୂର୍ବପୁରୁଷମାନେ ଦେଶ ବିଦେଶକୁ ଯିବା ଆସିବା କରି ବାଣିଜ୍ୟ ବ୍ୟବସାୟ କରୁଥିଲେ । ମାଦାଳା ପାଞ୍ଜିରୁ ଜଣାଯାଏ ଭୋଜରାଜା କାଠ ଦ୍ୱାରା ଜଳ ଜାହାଜ ନିର୍ମାଣ କରୁଥିଲେ । ଏହି ଜାହାଜ ଦୁଇ ପ୍ରକାରର ଯଥା - ସାମାନ୍ୟ ନୌକା ଓ ବୋଇତ ବା ଅର୍ଣ୍ଣବପୋତ । ସାମାନ୍ୟ ନୌକା ୧୦ ପ୍ରକାର ତାହା ହେଉଛି, କ୍ଷୁଦ୍ର, ମଧମ, ଭୀମ, ଚପଳ, ପାଟଳ, ଦୀର୍ଘ, ଭୟା, ପତ୍ରପୁଟା, ଗର୍ଭରା, ମନ୍ଥରା । ବୋଇତ ବା ଅର୍ଣ୍ଣବପୋତ ଦୁଇପ୍ରକାର ଦୀର୍ଘା ଓ ଉନ୍ନତା । ଦୀର୍ଘା ହେଉଛି ଦଶ ପ୍ରକାରର ଯଥା - ଦୀର୍ଘିକା, ତରଣୀ, ଲୋଳା, ଚତ୍ୱରା, ଗାମିନୀ, ତରୀ, ଜଙ୍ଗଳା, ପ୍ଲାବିନୀ, ଧରଣୀ ଓ ବେଗିନୀ । ଉନ୍ନତା ହେଉଛି ପାଂଚ ପ୍ରକାର ଯଥା - ଉର୍ଦ୍ଧ୍ୱା, ଅନୁର୍ଦ୍ଧ୍ୱା, ସୁବର୍ଣ୍ଣମୁଖୀ, ଗର୍ଭିଣୀ ଓ ମନ୍ଥରା । ଏହି ସବୁ ଜଳଯାନ ଗୁଡିକ ହାତ ମାପରେ ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ମପା ଯାଇଥାଏ । ଏକ ମାସ୍ତୁଲ ଜାହାଜର ବର୍ଣ୍ଣ ନୀଳବର୍ଣ୍ଣ, ଦୁଇ ମାସ୍ତୁଲ ଜାହାଜ ପୀତବର୍ଣ୍ଣ, ତିନି ମାସ୍ତୁଲ ଜାହାଜ ରକ୍ତବର୍ଣ୍ଣ ଓ ଚାରିମାସ୍ତୁଲ ଜାହାଜ ଶ୍ୱେତବର୍ଣ୍ଣ ହୋଇଥାଏ । ଜଳଯାନର ମୁହଁ ନାନା ପ୍ରକାର ଆକୃତିରେ ହୋଇଥାଏ । କୋଠରୀ ଅନୁପାତରେ ଜଳଯାନଙ୍କୁ ସର୍ବମନ୍ଦିରା, ମଧମନ୍ଦିରା ଓ ଅଗ୍ରମନ୍ଦିରା କୁହାଯାଉଥିଲା । ଭାରତୀୟ ନୌଯାତ୍ରା ପ୍ରାଚୀନକାଳରୁ ଆମ ପୁରାଣ, ଭାଗବତ, ମହାଭାରତ ଓ ରାମାୟଣ ରୁ ଜଣାଯାଏ । ଆମର ଲୋକସାହିତ୍ୟ, ଜନକ ଜାତକ, ଖୁଦୁରୁକୁଣୀ ଓଷା ଓ ଖୁଲଣା ସୁନ୍ଦରୀ କଥାରୁ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ସ୍ମୃତିଚାରଣ ହୋଇଥାଏ । ଜାହଜିଆମାନେ ଦିଗବିଦିଗ ମାନଙ୍କୁ ତାଙ୍କ ଭାଷାରେ ନାମ ଦେଇଥିଲେ, ଗାହି - ଉତର ଦିଗ, ସୋଲେଇ - ଦକ୍ଷିଣ ଦିଗ, ଡହରା- ପୂର୍ବଦିଗ, ପିଛାଡି - ପଶ୍ଚିମ ଦିଗ, ଗାହିମତଲେଇ - ଐଶାନ୍ୟ ଦିଗ, ବେଗଶିୟା ପିଛାଡି - ବାୟବ୍ୟଦିଗ, ଦକ୍ଷିଣ ପିଛାଡା - ନୈରତ ଦିଗ, ଦକ୍ଷିଣ ଡହରା - ଅଗ୍ନି ଦିଗ, ଘୋଷ - ଉର୍ଦ୍ଧ୍ୱ, ଦମନ - ତଳ । ସେମାନେ ଡାହାଣକୁ ଉଜା ଓ ବାମକୁ ଡାହୁ କହୁଥିଲେ । ସାଧାରଣତ କୈବର୍ତ୍ତମାନେ ନୌକା ଚାଳନା ଓ ନୌକା ନିର୍ମାଣର ଜ୍ଞାନକୌଶଳ ଜାଣିଥିଲେ । କୈବର୍ତ୍ତମାନେ ସେମାନଙ୍କର ଇଷ୍ଟଦେବୀ ବା ବାସେଳୀଙ୍କୁ ପୂଜା କରିଥାଆନ୍ତି । ଏହି ବାସେଳି ଠାକୁରାଣୀ ଚାରିପ୍ରକାର ଯଥା - ଦାଣ୍ଡ ବାସେଳି, ଘୋଡା ବାସେଳି, ସିଦ୍ଧ ବାସେଳି ଓ ବନ୍ଧ ବାସେଳି ।

ସାଧବ ଘରର କଥା ବା ଉତ୍କଳର ଡଙ୍ଗା ଭସା ବୋଇତ କଥା ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ କିଏ ନଜାଣେ ? କାର୍ତ୍ତିକ ମାସରେ ବିଦେଶରୁ ସାଧବପୁଅ ଫେରି ଆସୁଥିଲେ । ପୁଣି ପୁନର୍ବାର ପବନର ଅନୁକୂଳ ପାଗ ଦେଖି ତାହାର ଜାହାଜ ମେଲି ଦେଉଥିଲେ । ନୀଳସାଗର ବକ୍ଷରେ ନୌବାଣିଜ୍ୟର ଏହି ସ୍ମୃତି କଳିଙ୍ଗର ପରମ୍ପରା ଓ ସଂସ୍କୃତିକୁ ସମୃଦ୍ଧ କରୁଥିଲା । କାର୍ତ୍ତିକ ପୂର୍ଣ୍ଣମାର ହେମାଳ ପାହାନ୍ତିରେ ଆବାଳ ବୃଦ୍ଧବନିତା ଡଙ୍ଗା ଉପରେ ପାନଗୁଆ ରଖି ଦୀପ ଜଳାଇ "ଆ...କା...ମା...ବ...ଇ ପାନଗୁଆ ଥୋଇ, ପାନଗୁଆ ତୋର, ମାସକ ଧରମ ମୋର" କଦଳୀ ପାଟୁଙ୍ଗାରେ ନୌକାଟିଏ ପ୍ରସ୍ତୁତ କରି ନଈ, ନାଳ ଓ ପୋଖରୀରେ ଭସାଇ ଦେଇଥାଆନ୍ତି । ଏହା କଳିଙ୍ଗ ଜାତିର ପ୍ରଗତି ପରମ୍ପରା, ବାଣିଜ୍ୟ ଓ ବ୍ୟବସାୟର ପ୍ରତୀକ ବାଲିଯାତ୍ରା ନାମରେ ନାମିତ । କଳିଙ୍ଗ ବା ଓଡିଶାର ବାଣିଜ୍ୟସ୍ଥଳି କଟକର ପିଠି ଉପରେ ଗଡଗଡିଆ ଘାଟରେ ଆଜି ଠିଆ ହୋଇଛି ବାଲିଯାତ୍ରା । ଏହି ବାଲିଯାତ୍ରା ଓଡ୍ରରାଷ୍ଟ୍ରର ଚେଳିତୋଳ ବନ୍ଦରରେ ଅଷ୍ଟମ ଶତାବ୍ଦୀରେ ଖ୍ୟାତି ଲାଭ କରିଥିଲା । ସମୟର ସ୍ରୋତରେ ଭାରତ ସ୍ୱାଧୀନତା ଲାଭକଲା । ସ୍ୱାଧୀନ ଭାରତରେ ମୁମ୍ବାଇ, କୋଲକାତା, ଚେନ୍ନାଇ, କୋଚି ଓ ଭାଇଜାଗ୍ ନାମରେ ପାଂଚଗୋଟି ବୃହତ୍ ବନ୍ଦର ଥିଲା । ଷଷ୍ଠ ବୃହତ୍ ବନ୍ଦର ଭାବରେ ଗୁଜୁରାଟର କାଣ୍ଡଲା ଓ ସପ୍ତମ ବୃହତ ବନ୍ଦର ଭାବେ ମର୍ମାଗୋଆ ସ୍ୱାଧୀନ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ଲାଭ କଲା । ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ଲାଲ୍ ନେହେରୁ ଓ ଓଡିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୯୬୨ ମସିହା ଜାନୁଆରୀ ୩ ତାରିଖରେ ପାରାଦ୍ୱୀପ ବନ୍ଦରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ୧୯୬୫ ମସିହାରେ ବନ୍ଦର ନିର୍ମାଣ କାର୍ଯ୍ୟ ଶେଷ ହେଲା ଓ ଅକ୍ଟୋବର ୧୫ରେ ପାରାଦ୍ୱୀପ ବନ୍ଦରକୁ ପ୍ରଥମ ଜାହାଜ ପ୍ରବେଶ କରିଥିଲା । ୧୯୬୬ ମସିହାରେ ଏହା ଏକ ବୃହତ୍ ବନ୍ଦର ରୂପେ ମାନ୍ୟତା ଲାଭକଲା । ଏହି ପାରାଦ୍ୱୀପ ନାମଟି ମହର୍ଷି ପରାଶରଙ୍କ ନାମରୁ ହେଉ କିମ୍ବା ପାରାବାରରୁ ପାରାଦ୍ୱୀପ ବା ପ୍ରାଚୀନ କଳିଙ୍ଗର ପାଲୋର ବନ୍ଦର କାଳକ୍ରମେ ପାରାଦ୍ୱୀପରେ ପରିଣତ ହୋଇଛି । କେହି କେହି କୁହନ୍ତି ପ୍ରଦୀପ ଶବ୍ଦରୁ ପାରାଦ୍ୱୀପ ହୋଇଛି ।

ଆନ୍ତର୍ଜାତିୟ ନୌବାଣିଜ୍ୟ ଇତିହାସକୁ ପର୍ଯ୍ୟାଲୋଚନା କଲେ କଳିଙ୍ଗ ନୌବାଣିଜ୍ୟର ସ୍ୱତନ୍ତ୍ର ପ୍ରସିଦ୍ଧି ରହିଅଛି । ଏହି ନୌବାଣିଜ୍ୟର ଗାଥା ସଂସ୍କୃତି ଓ ସଭ୍ୟତାର ସ୍ମୃତିକୁ ସାଉଁଟିବାକୁ ଯାଇ ଓଡିଶାର ମହାନଦୀ ତୀର ବାଲିରେ ଯେଉଁ ମହାମିଳନର ମହାପର୍ବ ବାଲିଯାତ୍ରା ମହୋତ୍ସବ ହୁଏ ତାହା ଜାତୀୟ ସଂହତିର ମହକ ଭଳି ବୋଧ ହୁଏ । ଆଜି କାର୍ତ୍ତିକ ପୂର୍ଣ୍ଣିମାରେ ମହାନଦୀର ବାଲିରେ କଟକ ବାଲିଯାତ୍ରା ଗହ ଗହ ନାଦରେ ଫାଟି ପଡୁଛି । ସମୟକ୍ରମେ ୧୯୭୨ ମସିହାରେ ପାରାଦ୍ୱୀପର ପ୍ରଥମ ବାଲିଯାତ୍ରା ଆରମ୍ଭ ହୋଇଥିଲା । କିଛି ଆଂଚଳିକ ସାଂସ୍କୃତିକ ଲୋକମାନଙ୍କୁ ନେଇ । ୧୯୭୫ ମସିହାରୁ ତତ୍କାଳୀନ ବନ୍ଦର ଅଧ୍ୟକ୍ଷଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ ମହା ସମାରୋହରେ ପାଳିତ ହୋଇଆସୁଛି । ୧୯୮୦ ମସିହା ପର୍ଯ୍ୟନ୍ତ ଏହି ବାଲିଯାତ୍ରା ପାଳିତ ହୋଇ ପୃଷ୍ଠପୋଷକ ମାନଙ୍କର ଅଭାବରୁ ବନ୍ଦ ହୋଇଯାଇଥିଲା । ବନ୍ଦ ହୋଇଯାଇଥିବା ପାରାଦ୍ୱୀପ ବାଲିଯାତ୍ରା ପୁନର୍ବାର ଉତ୍କଳର ବରପୁତ୍ର ତଥା ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୯୯୨ ମସିହା ନଭେମ୍ବର ମାସ ୧୦ ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ଶୁଭାରମ୍ଭ ହୋଇଥିଲା । କଳିଙ୍ଗର ଐତିହାସିକ ନୌବାଣିଜ୍ୟର ଗୌରବମୟ ଜଳଯାତ୍ରାକୁ ପୁନର୍ବାର ସଂସ୍ଥାପନ କରି ବିଜୁବାବୁ ଏ ଜାତିର ଗୌରବ, ଗାରିମାକୁ ପ୍ରତିପାଦିତ କରିଥିଲେ । କଳିଙ୍ଗ ଲଳନା ସୁଶ୍ରୀ ନିବେଦିତା ଆଚାର୍ଯ୍ୟ ସମେତ ଆଠଜଣ ନୌଯାତ୍ରୀଙ୍କୁ ନେଇ INSY Samudra ବାଲିଦ୍ୱୀପ ଅଭିମୁଖେ ଜଳଯାତ୍ରା ଆରମ୍ଭ କରିଥିଲା । ଯାତ୍ରା କାଳରେ ସେମାନେ ବିଶାଖାପାଟନା ଚେନ୍ନାଇ, ଆଣ୍ଡାମାନ ନିକୋବର ଦ୍ୱୀପ, ସୁମାତ୍ରା, ଜାକର୍ତା ଦେଇ ଜାନୁଆରୀ ୩୦ ତାରିଖ ୧୯୯୩ ମସିହାରେ ବାଲିଦ୍ୱୀପରେ ପହଁଚିଥିଲେ । ଏହି କଳିଙ୍ଗ - ବାଲିଯାତ୍ରା ଅବସରରେ ବାଲିରେ ଆୟୋଜିତ ଓଡିଶା ଉତ୍ସବକୁ ବାଲିର ରାଜ୍ୟପାଳ ଶ୍ରୀ ଓକା ଉଦ୍‌ଘାଟନ କରିଥିଲେ । ଏଥିରେ ଇଣ୍ଡୋନେସିଆର ସମାଜ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ହାରେୟତି ସୋବାଦିଓ ଯୋଗଦେଇଥିଲେ । କଳିଙ୍ଗ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ ଉତ୍କଳୀୟ ବଣିକମାନଙ୍କର ସମୃଦ୍ଧ ପରମ୍ପରା ଓଡିଶାର ସ୍ୱର୍ଣ୍ଣିମ ଇତିହାସରେ ଚିରକାଳ ପାଇଁ ଲିପିବଦ୍ଧ ହୋଇରହିବ । ଅତୀତର ସେହି ନୌବାଣିଜ୍ୟ ପରମ୍ପରା ଓଡିଆର ଭାବଧାରା, ଇତିହାସ କିମ୍ବଦନ୍ତୀ ଓ ସଂସ୍କୃତିର ଜୟ ଜୟକାର କଥା କହୁଥିବ ।

+ପ୍ରାକ୍ତନ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ: ୯୯୩୭୬୯୧୪୭୫

# ବୋଇତ ବନ୍ଦାଣ ପରମ୍ପରା

**ସନ୍ଦୀପ ସତ୍ୟନାରାୟଣ ଭୂୟାଁ**

କାର୍ତ୍ତିକ ପୂର୍ଣ୍ଣିମାର ପାହାନ୍ତି ପ୍ରହରେ 'ଡ଼ଂଗାଭସା' ଆମର ଏକ ପ୍ରାଚୀନ ପରଂପରା । ଏକଦା ଓଡ଼ିଶାର ସାଧବ ପୁଅ ସୁଦୂର ବାଲି ଜାଭା, ସୁମିତ୍ରା ଦ୍ୱୀପକୁ ବଣିଜ କରି ଯାଉଥିବା ଆମର ଏକ ବିଶ୍ୱାସ । ନିକଟରେ ପୁରୀର ମାଣିକପାଟଣା, କୋଣାର୍କ ନିକଟବର୍ତ୍ତୀ, ଖାଲକଟାପାଟଣା ଏବଂ ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ମୁହାଣ ଖୋଳାହୋଇ ମିଳିଥିବା ପ୍ରାଚୀନ ମୁଦ୍ରା, ଭଗ୍ନପାତ୍ର ଓ ଜାହାଜର ଲଂଗର ଏହାର 

# କବିତାମାଳା

୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୦୮ ନଭେମ୍ବର, ମଙ୍ଗଳବାର, ୨୦୨୨


## ମିଳନ
### ଭରତ ଚନ୍ଦ୍ର ଦାଶ

ଏମିତି
ଅସମୟରେ
ତୁମେ ଆସ ମୋ
ନିରବତାର ସୁଯୋଗରେ
ମୋତେ ବିବସ୍ତ୍ର କର
ଶବ୍ଦରେ ଆଶ୍ଳେଷରେ
ମୋତେ ନିରସ୍ତ୍ର କାହିଁକି
ଜାଣେନା ଏ ଭଲପାଇବାର
ଜାଲରେ ଛନ୍ଦି ହୋଇ
ଛଟପଟ ହେବାର
ଜୀବନର ଅର୍ଥ କ'ଣ
କହିବ କି
ମିଳନର ସଂଜ୍ଞା ?

ଏମିତି ଏକ
ଅଶିଣର କାକରଭିଜା
ସକାଳ ସହ ଦେଖାହେଲା
ସେ ମୋତେ
ପରିଚୟ କରାଇଦେଲା
ରଜତ ଚାଦର ଘୋଡିହୋଇ
ଶୋଇ ରହିଥିବା
କାଶତଣ୍ଡି ସହ
କବିଙ୍କ ପ୍ରତି ତା'ର
ଶ୍ରଦ୍ଧା ଓ ସମ୍ମାନ
ମୋତେ ଆନମନା କଲା
କହିଲା ମୋ ଶୁଭ୍ରତାକୁ
ନେଇ ବେଶ୍ ଶବ୍ଦର କୋଣାର୍କ
ଗଢିଛ ତୁମେ
ଜାଣିଛ କି ଶରତ ସହ
ମୋର ଗୁପ୍ତ ସଂପର୍କକୁ
ଶିଶିର ହିଁ ମୋ
ଆତ୍ମିକ ମିଳନର
ସ୍ୱେଦସିକ୍ତ ଆଶ୍ଳେଷର ହେତୁ ।

ଏବେ କୁହ
ମୁଁ କାହିଁକି କାଶତଣ୍ଡି
ପ୍ରେମରେ ମଦିରାସକ୍ତ
ସୁନ୍ଦରତା ହିଁ ତ
ସୃଜନର ଆଦ୍ୟ ଓଁକାର
ମିଳନ ବିଚ୍ଛେଦ
ବିଚ୍ଛେଦ ମିଳନ ମଧ୍ୟରେ
କିଏ ଗରୀୟାନ ଜାଣେ ନି
କିନ୍ତୁ ବିଚ୍ଛେଦ ହିଁ ମିଳନକୁ
ଗୌରବାବହ କରେ ।

ମିଳନ ପ୍ରତୀକ୍ଷାରେ
ବିଚ୍ଛେଦ ଗୋଟିଏ ପରେ
ସୋପାନ ଅତିକ୍ରମି ଚାଲିଛି
ଯନ୍ତ୍ରଣା ଯାତନା ଏଠି
ପ୍ରାପ୍ତି ଅପ୍ରାପ୍ତିର
ସନ୍ଧିକ୍ଷଣରେ ମିଳନର
କୀର୍ତ୍ତି ବଖାଣି ବସିଛି ।

ମିଳନର ପ୍ରାପ୍ତିରେ
କଣ ପଡିପାରେ
ଶେଷ ଯବନିକା
ବିରହ ବିଚ୍ଛେଦରେ
ତୁମ କଥାଭାବେ
ନିର୍ଜ୍ଜନରେ ବସି
ଏକା ଏକା ।


■ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର - ୭୫୬ ୧୨୬
ମୋ: ୯୪୩୭୩ ୭୨୧୬୬


## ଆ କା ମା ବୈ
### ନିକୁଞ୍ଜ କୁମାର ଘୋଷ

ବାର ମାସେ ତେର ପରବ ଆମରି
ପାଳନ୍ତି ଓଡିଆ ଜାତି
ବଇତ ବନ୍ଧାଣ ଅନ୍ୟତମ ଅଟେ
ଆମ ଓଡିଆ ସଂସ୍କୃତି ।

ଓଡିଆର ପୁଅ ବେପାର କରିଣ
କାର୍ତ୍ତିକରେ ଯାଉଥିଲେ
ଧନ ଦଉଲତ ସଂଗେ ଧରି ସବୁ
ଆଷାଢ ମାସେ ଫେରିଲେ ।

ପୁରୁବର ଏହି ପରଂପରା ଆଜି
ଓଡିଆ ପକାନ୍ତି ମନେ
କଦଳୀ ପଟୁଆ ବଇତ ବନ୍ଧାଇ
ପାଳୁଥାନ୍ତି ସର୍ବ ଜନେ ।

ଆ କା ମା ବୈ ପାଳୁଥାନ୍ତି କହି
ପକାଇଣ ହୁଳହୁଳି
ଘ ଘ । ବଜି ନଡିଆ ବାଢେଇ
ଘିଅର ଦୀପକୁ ଜାଳି ।

ଆନନ୍ଦ ଉଲ୍ଲାସେ ଗୀତ ଗାଇ ଗାଇ
ସାଧବ ବୋହୂ ପାଳନ୍ତି
ଓଡିଆ ସଂସ୍କୃତି ଓ ପରଂପରା
କାଳ କାଳକୁ ଯେ ମାନନ୍ତି ।


■ ସା- ମାଧବପୁର ପୋ-ଲକ୍ଷ୍ମଣନାଥ
ଥାନା-ଜଳେଶ୍ୱର ଜିଲ୍ଲା-ବାଲେଶ୍ୱର ଓଡିଶା
ପିନ୍-୭୫୬୦୩୨
ମୋ: ୮୧୪୪୮୫୧୦୪୫


## ବିଭ୍ରାନ୍ତି
### ଆନନ୍ଦ କୁମାର ମାଇତି

ମୁଁ ଅସ୍ଥିର, ଅଥୟ
ଆଗ୍ନେୟ କାଣ୍ଡ ଶିଳା ମୂର୍ତ୍ତମନ୍ତ ଉଦ୍ୱିଗ୍ନ ପ୍ରାଣ
ଚିର ଉଦ୍ୱେଳିତ ସମୁଦ୍ର ଗର୍ଭ ଅବୟବ ପରି।
ଚିର ବିଭ୍ରାଟ !ଏକ ପ୍ରାଚୀନ କନ୍ଦଳ ପରି
ମୋତେ ବେଷ୍ଟନ କରି କଷିକି ଧରିଛି
ତା ଖୋଲା ମୁହାଣ ବିବରରେ
ଖାଲି ଅନ୍ଧକାର । ବେଦନାର ଗର୍ଜନ।

ତଥାପି ମୁଁ ଏକ ସ୍ୱେଚ୍ଛାଚାରି ରାଜହଂସ ପରି
ବୁଡ଼ି ଯାଉଛି ତାର ପ୍ରବାଳ ଆଖିରେ।
ପ୍ରବାଳ ଆଖିରେ ଲେଲିହନ
ବିରହ ଉଲ୍ଲାସ, ମନ ମରାର ତୀବ୍ର ସ୍ରୋତ
ପ୍ରାଣ ଛୁଇଁ ଛୁଇଁ ସମସ୍ତ କରୁଣ ପାଣିଆ
ଭିତରେ
ମୁକୁତା ପରି ଚିକ୍ ଚିକ୍ କରେ
ମୋର ସମସ୍ତ ସୁଖ ବିଳାସ ।


■ଏରସମା, ଜଗତସିଂହପୁର


## ଏ ଜୀବନ ତୁ ହାରେନା
### ସୁଶ୍ରୀ ସଙ୍ଗୀତା ସେଠୀ

ଆଜି ଯଦି ନଦୀରେ ଆସିଛି ବଢ଼ି
ସେ କି କାଲିକୁ ରହିବ ?
ତେବେ ତୁ କାହିଁ ଭାଙ୍ଗୁ ଆତ୍ମବଳ
ଏ ଦୁଃଖ ବି ତୋର ଟଳିବ।

କାହିଁ ମନ ମାରି ବସୁ ତୁହି ସତେ
ଏ ବିପଦ କି ତୋର ରହିବ ?
ଝଡ଼ିବତା ପରି ଏ ଜୀବନ ଝଡ଼
ସେ ବି ସ୍ଥିର ହୋଇବ।

ଜୀବନେ ଯଦି ନ ଆସେ ବିଷାଦ
ସେ କି ସ୍ୱାଦ ପାଇବ ?
ହସ ଲୁହ ଭରା ଜୀବନ ମ
ଗୋଟେ ନଥିଲେ ଆରକେ ଆସିବ ?

ସହିବାକୁ ହେବ ତତେ ଘାତ, ପ୍ରତିଘାତ
ସେଇ ତୋର ଗାଥା ଗାଇବ,
ଶୁଷ୍କ ମରୁଭୂମିରେ ତୋ ସଂଘର୍ଷ ଜଳ
ନୂତନ ସୃଷ୍ଟି ଯେ ଆଣିବ।

ବୁଝିଲେ ତୁ ହେବୁ ସର୍ବ ଶକ୍ତିମାନ
ନୁଝିଲେ ପ୍ରାଣ କି ସହିବ ?
ଅନେକଙ୍କୁ ଦେଇ ହୃଦଭରା ପୀଡ଼ା
ତୋ ଜୀବ ପୃଥୀ ଛାଡ଼ିବ !

ହେଲେ କି ପାଇବୁ ତୁହି ନ ଲଢ଼ି
ବାଜି ତୋ ଆତ୍ମା କି ଶାନ୍ତି ପାଇବ ?
ନ ଲଢ଼ି ଅର୍ଜିବୁ ନିନ୍ଦା , ଅପବାଦ
ସାରା ସମୟ ହାୟ କହିବ !

ସମୟ ଖେଳେ ଲୁଚକାଳି ଏଠି
ଜୀବନ ଧାଏଁ ଏଠି ଭିଡ଼ ଭିତରେ,
ଯିଏ ଲାଗିରହେ ନିଜ କର୍ମପଥେ
ତା ଦୁଃଖ ସମୟ ବି ବିତିଯିବ।

ଲଢ଼ି ଚାଲ ତୁହି ଖେଳି ଚାଲ ତୁହି
ବାଜିକୁ ଡରିଲେ କି ଚଳିବ ?

ଏ ତୋ ଜୀବନର ତୁ ପରା ମାଲିକ
ହାର ମାନନାରେ ହେ ମାନବ !

ଶେଷରେ ତୋର ଜିତାପଟ ଯେ ନିଶ୍ଚୟ
ତା ସ୍ୱାଦ ଜିହ୍ୱା କି ପାଇବ ?
ସେ ଅମୃତ ସ୍ୱାଦ ତୋ ହୃଦୟ ଖାଲି
ମନଭରି ଆନନ୍ଦେ ଚାଖିବ।

ଏ ଜୀବନ ତୁ ଯାଆନା ହାରି
ଏ ସମୟ ବି ବିତିଯିବ,
ଖୁସିର ଲହରୀ ଜୁଆର ଭାଙ୍ଗି
ତୋ ଜୀବନ ଦରିଆରେ ପୁଣି ଖେଳିବ।


■ ଯାଜପୁର


## ଶୀତ ଋତୁ
### ଶ୍ରୀ ଚନ୍ଦ୍ରଶେଖର ସାହୁ

ଶୀତ ଏକ ଅବୁଝା ଋତୁଟିଏ
କବିତା ପରି ଦେହ ମନକୁ
ବାରମ୍ବାର ଥରାଉଥାଏ
ଆକାଶକୁ ଚାହିଁ ହୁଏନା ବୋଲି ତଳମୁହାଁ
ହୋଇ ବାଟ ଚାଲିବାକୁ ହୁଏ ।

କୁହୁଡ଼ି ଅନ୍ଧାର ପରି ଘୋଟିଆସେ
ବାଟ ଓଗାଳେ
ବେଳେବେଳେ ଜୀବନବି ଶୀତ
ପରି ସ୍ମୃତି ସାଉଁଟେ
ଶୀତରୁ ଅତୀତ ଖୋଜୁ
କାକର ଟୋପାରୁ ଶୋଷ ମେ ।ଉ ।
ଦଉଡ଼ି ଦଉଡ଼ି ହାଲିଆ ହେଲେବି
ଛାଇ ଖୋଜୁନା
ଲମ୍ବା ରାସ୍ତା ପାଇଁ ସ୍ୱପ୍ନ ଦେଖୁ ।

ଏତେ ପରେବି ଶୀତ ପୁଣି
ନୂଆବୋଉର ଲମ୍ବା ଓଢ଼ଣା ଭିତରୁ
ଲାଜୁଆ ଆଖିରେ କାଣିଚାଏ ସ୍ୱପ୍ନ
ଆଙ୍କିପାରେନି ।
ତଥାପି ଶୀତ ଏକ ପତ୍ର ଝଡା ଗଛର
ଚିତ୍ରକଳ୍ପଟିଏ
ଶୀତ ପୁଣି ଖରା ଆଉ
ଛାଇ ନଥିବା ଋତୁଟିଏ
ସ୍ମୃତିର ଫର୍ଦ୍ଦେ କାଗଜ
ପଢ଼ି ହୁଏ ମନ ସିଲଟରେ ।


କସପା, ଅହିୟାସ,
ଯାଜପୁର-୭୫୫୦୩୬
ମୋ- ୭୮୭୩୬୯୩୮୦୭


## ଦି ଘଡି ବଂଚିବା ଲୋଭରେ
### ଡା. ବିଜୟ କୁମାର ପାତ୍ର

ତାକୁ ପାଇବା ପାଇଁ
ନିଇତି ହାଟ ବସେ,
ଅନେକ ଦାବିଦାରମାନଙ୍କ
ବୁଭୁକ୍ଷୁ ପଞ୍ଜା ଲମ୍ବିଆସେ,
ତା ଆଖି ତଳେ ଲୁଚିଥିବା
ହୀରା ମୋତି ପର୍ଯ୍ୟନ୍ତ,
ସେଥିପାଇଁ.....
ମୁଁ ଛଡେଇ ଆଣିଥିଲି
ଗୋଟେ ଲଙ୍ଗଳା ଆକାଶ
ବିଷଦାନ୍ତ ଫାଙ୍କରୁ,
ନଚେତ.....
ସେ ତ ଡୁବିଥିଲା
ଧୂସର ଗୋଧୂଳିରେ,
ମୁହଁସଞ୍ଚରେ ଘରମୁହାଁ
କୁଆଁରୀ ଲାଜ ଗଣ୍ଠିଲିରେ,
ଜ୍ୟୋସ୍ନାଭିଜା ରାତିର
ତାରାଫୁଲମାନଙ୍କ ମେଳରେ ।

ତା କ୍ଷତାକ୍ତ ହୃଦୟ
ଓ
ମୋ ରକ୍ତାକ୍ତ ବକ୍ଷରେ,
କିଛିଟା ତାଳମେଳ ନିହାତି ତ ଥିଲା,
ତେଣୁତ ...
ତୋଳି ଆଣିଥିଲି ଗୋଲାପଟେ
ଗୋଲାପୀ କ ।ମେଳରୁ,
ଧରି ଆଣିଥିଲି ଚାନ୍ଦଟିଏ,
ଚନ୍ଦ୍ର ଓ ଚନ୍ଦ୍ରମୁଖିମାନଙ୍କ
ଆଦିମ ରଂଗଶାଳାରୁ...।

ଏମିତି ବଦଳେ ନାହିଁ ଭବିତବ୍ୟ
ଦୁନିଆଁର ବେକାର ଉପୀଡ଼ନରେ,
ତୃଷା ଧମନୀରେ
ଅହରହ ଶୁଭୁଥାଏ
ଗୋଟେ ମିଳନ ବଂଶୀର ଚିତ୍କାର,
ଅବଶ୍ୟ ...
ମୁ କୋଳେଇ ନେଇଥିଲି
ସାରା ଦିଗବଳୟକୁ,
ଆଶା ଓ ଭରସା ;
ଉତ୍ସାହ ଅବା ଆଶ୍ରୟର
ରଙ୍ଗତୁଳୀ ଧରି,
ଦି ଘଡି ବଂଚିବା ଲୋଭରେ ।


■ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ
ଢେଙ୍କାନାଳ


## ମଧୁ ଚନ୍ଦ୍ରିକା
### ପ୍ରଣତି ଆଚାର୍ଯ୍ୟ ମିଶ୍ର

ପୂର୍ଣ୍ଣିମୀ ଚନ୍ଦ୍ରିକା ମୁହଁ ଦେଖୁଥିଲା କାଚକେନ୍ଦୁ ଜଳ ଧାରେ
ସତେକି କିଶୋରୀ ବାଡୁଅ ପାଣିରେ ଭିଜୁଥିଲା ଗୋପନରେ ।

ଦେହ ଭିଜୁଥିଲା ସ୍ନିଗ୍ଧ ଆକାଶେ ଆହ୍ଲାଦିତ ତନୁମନ
ନିଶୀଥ ପରସେ ବିଭୋର ନାୟିକା କରୁଥିଲା ଆଲିଙ୍ଗନ ।

ସଫେଦ ଚାଦର ବିଛାଇ ଚନ୍ଦ୍ରିକା ତୋଳିଛି ଶୃଙ୍ଗାର ରସ
କୁଆଁରୀ ଦେହରେ ରୋମା ଭରଇ ନିଶାମଣି ର ସ୍ପର୍ଶ ।

ପଲକେ ପଲକେ ସିକ୍ତ କାକର ମଧୁର ଛନ୍ଦ ତୋଳେ
ଅଦିନିଆ ମେଘ ଆଢୁଆଳେ ଇନ୍ଦୁ ପ୍ରତିର ବର୍ଣ୍ଣାଳୀ ଢାଳେ ।

ହଜିଯାଏ ମନ ତମସା ର କୋଳେ ହିଆ ତଳେ ଉସ୍ମ ତାତି
କିମିଆ କରଇ ସୁଲୁସୁଲୁ ବାଆଁ ରୂପେଲି ପୁନେଇଁ ରାତି

ପିରତୀ ସନ୍ଦେଶ ମହୁପରି ମିଠା ମଲ୍ଲି ଫୁଲ ପରି ବାସେ
ଶୁଭ୍ର ଅନ୍ତରିକ୍ଷ ଦେହେ ତାରାମେଳେ ଶଶି ଖିଲିଖିଲି ହସେ ।

ସୁବର୍ଣ୍ଣ ସକାଳେ ଲୁଚି ଯାଅ ନଭେ ଲଗାଇ ପ୍ରେମରେ ଦାଗ
ସଞ୍ଚ ନଇଁ ଗଲେ ଉଭା ନଈ କୂଳେ ଧରି ଚୁମ୍ବନର ଦାଗ ।

ଚନ୍ଦ୍ରଲେଖା ତୁମେ ରାତ୍ରି ର ନାୟିକା ନିଳ ଆକାଶର ପରୀ
ଚିର ଯୌବନା ଗୋ ଧବଳ ତନୁରେ ଆସିଛ ରୋଷଣୀ କରି ।

ଅଳସୀ ନଈର ଚହଲା ପାଣିରେ ଅଳସେ ଖେଳଇ ଶଶି
ଲାଜରେ ଝାଉଁଳେ ଦେହରେ ପଡିଲେ କାକର କୁମୁଦ ହସି ।

ମଧୁଛନ୍ଦା ତୁମେ ମଧୁର ଲଗନେ ମଧୁରେ ତୋଳିଛ ଘର
ସୁସୁପ୍ତ ପ୍ରାଣର ସଞ୍ଜିବନୀ ସୁଧାପର୍ଣ୍ଣ କୁଟୀରେ ନୀର ।


■ ନୟାଗଡ଼
ମୋ: ୯୪୩୭୬୪୨୯୪୭


## ଏବେ ମୁଁ ବୁଦ୍ଧ
### ଦୀପକ କୁମାର ମିଶ୍ର

ସମୟର ବିପର୍ଯ୍ୟସ୍ତ ସ୍ରୋତରେ
ଫେରିଯିବାକୁ ଇଚ୍ଛାଟିଏ ସାଉଁଟି
ଆଜି ମୁଁ ଛିଡାହୋଇଛି
ସମୟର କୂଳରେ ।

ବିନା ଆହୁଲାରେ ଡଙ୍ଗାଟିଏ
ବିନା ଡେଣାରେ ପକ୍ଷୀଟିଏ
ବିନା ମନରେ ହୃଦୟଟିଏ
ଶରୀର ରହିତ ପ୍ରାଣଟିଏ
ଏବଂ ବିନା ତର୍କର ତ ୍ୱଟିଏ
ହୋଇ ମାଡି ଚାଲିଲି
ନିଜର ଅତୀତର ଅନପେକ୍ଷିତ
ରୂପକୁ ଦେଖିବାକୁ ।

ମାଆ, ମୃତ ବାପା, ସାଙ୍ଗସାଥୀ,
ସ୍ତ୍ରୀ, ପିଲାଛୁଆ,ଅହଙ୍କାରୀ ମୁହୂ ,
ହାତଗୋଡ଼ ବନ୍ଧା ସ୍ୱପ୍ନ
ଇତ୍ୟାଦିଙ୍କୁ.....
ଲଟେଇ ସୂତାରେ ଗୁଡେଇ
ଉଡ଼ନ୍ତା ଗୁଡ଼ିରେ ବାନ୍ଧି ସ୍ଥିର କରିଦେଲି
ସମୟକୁ ନେହୁରା ହୋଇ,
ପରଖିବାକୁ ସେମାନଙ୍କର
ଆପେକ୍ଷିକ ଦୃଷ୍ଟିଭଙ୍ଗୀ
ମୋ ପ୍ରତି, ମୋର ଅତୀତ ପ୍ରତି
ଓ ବ ମାନର ଅବକ୍ଷୟିତ ସ୍ଥିତି ପ୍ରତି ।

ପବନ ବେଗରେ ଗଲି, ଦେଖିଲି
ଓ ଫେରି ଆସିଲି ତ୍ୱରିତ
ଘର୍ମାକ୍ତ ହୃଦୟରେ ।
ଯିବା ସମୟର ଉତ୍କଣ୍ଠା
ଫେରନ୍ତା ଅଭିଜ୍ଞତାର ଅବସୋସ ଠାରୁ
ଢେରସାରା କମ ଥିଲା ।

ଏବେ ମୁଁ ବୁଦ୍ଧ ।


■ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ଜୀବନ ନିର୍ଯ୍ୟାସ
### ମାନସ ରଞ୍ଜନ ନାୟକ

ବିଷାଦ ଋତୁର ଉଦାସୀ ସଞ୍ଚରେ ସ୍ତିମିତ ସ୍ପନ୍ଦନ
ବାହୁନୁ ଗୁମୁରି ଗୁମୁରି, ସରୁଛି ଆଞ୍ଚୁଳେ ଜୀବନ
ଏନ୍ତୁଡ଼ି ଚିରାଡରୁ ଅନୁକୂଳ ତୋ ମମତ୍ୱ ବନ୍ଧନ
ଭାବ ଅଭାବ ଲହୁ ଲୁହ ନେଇ ଚିରୁଡାଏ ସପନ।

ପାଇଛୁ ଜୀବନ ପୀୟୂଷ ବିସ୍ତୃତ ସସାଗରା ଧରା
ପ ଭୂତେ ଜୀବନ୍ୟାସ ତୋ ପ୍ରଚଣ୍ଡ ଧୀଶକ୍ତିରେ ଭରା
ସହସ୍ର ଯୋନୀପଥ ଭ୍ରମି ମାନବେ ଦେବତ୍ୱର ଧାରା
ମାୟାମୃଗ ଅନୁଧାବି ଛାୟାନ୍ତରେ ହେଉ ପଥହରା !

ଅଭୀପ୍ସାର ଉର୍ଜା ନେଇ ଜାଳୁଛୁରେ ଜୀବନ ଇନ୍ଧନ
ଆୟୁଷର ଭସାମେଘେ ଆସେ ଦୁଃଖ ସୁଖ ଆବ ନ
ଜିଇଁବାର ମାନେ କି ଖାଲି ପୁଳେ ପ୍ରାପ୍ତି ଓ ଅଭିମାନ
ସାଉଁଟୁଛୁ ବାହା ବାହା ପାଇବୁକି ନୀଳ ଆଲିଙ୍ଗନ ?

ବାଟବଣା ପଥିକ ତୁ କଳୁଷିତ ଚିନ୍ତନ ମନନ
ଭୋଗ ଭାଗକୁ ମନ୍ତ୍ର କରି ଗଢ଼ିଛୁ ଜୀବନ ସୋପାନ
ମାଟି ପିଣ୍ଡେ ଆତ୍ମାପକ୍ଷୀ ଆରମ୍ଭିଛି ଓଂକାର ଗୁଞ୍ଜନ
ବିତିଛି ତମସା ଏବେ, ମୁହୁରତ ଘଟ ବିସ୍ଥାପନ ।

ଅବଶେଷେ ଅବସୋସ କ'ଣ ଏ ଜୀବନର ନିର୍ଯ୍ୟାସ ?
ନରମ ନିଃଶ୍ୱାସ ଏବେ, ବଦଳିଛି ଅନ୍ଧାରୀ ବିଶ୍ୱାସ
ଭାଗ୍ୟ ଭବିତବ୍ୟ ଭାଳି ଅପେକ୍ଷିତ ଅମୃତ ଉଚ୍ଛ୍ୱାସ
ନମିଳୁ ନିର୍ବାଣ ପଛେ ଉଜାରିନେ ଥରେ ପୀତବାସ।


■ ମଞ୍ଜୁରୀ ରୋଡ୍ ଭଦ୍ରକ
ପିନ୍-୭୫୬୧୨୧
ମୋ- ୯୮୯୦୮୫୧୪୨୭

## ବାଲିଯାତ୍ରା ଭିତରେ
### ବାବାଜୀ ଚରଣ ଜେନା

ତୋ ଘର ଲବଙ୍ଗଦ୍ୱୀପ
ମୋ ଘର ତ ଉତ୍କଳ
ଦେଖା ହୋଇଥିବା ସ୍ମୃତି
ମନେ ଅଛି ମୋହର
ତୋ ଘର ଲବଙ୍ଗଦ୍ୱୀପ ।
ଆଙ୍କିଥିଲୁ କେତେଚିତ୍ର
ବାଲୁକାର ଦେହରେ
ନିଆରା ତୁ ଲାଗୁଥିଲୁ
ସଖୀଙ୍କର ମେଳରେ
ମହୁ'ଠୁ ତୋ ମିଠା ହସ
କରିଥିଲା ଅଧିର
ଫେରିବା ବେଳରେ ଦେଖା
ହେଲାନି ଯା' ମୋହର
ତୋ ଘର ଲବଙ୍ଗଦ୍ୱୀପ ।
ତୋ ପରି ଲାଗିଲା ଜଣେ
ବାଲିଯାତ୍ରା ଭିତରେ
କେତେ ତୋତେ ଖୋଜିଲି ମୁଁ
ସାରା ରାତି ସହରେ
ଅଳ୍ପ ଦେଖାରେ କେମିତି
କରିଲୁତୁ ନିଜର
ଏବେବି ଆସୁତୁ ନିତି
ସପନରେ ମୋହର
ତୋ ଘର ଲବଙ୍ଗଦ୍ୱୀପ ।


■ ଅହଲ୍ୟା ନିବାସ
ପୋପରଡା, ନୂଆବଜାର, କଟକ୪
ମୋ: ୯୪୩୭୮୩୪୭୧୯


## ବନ୍ଧୁତା
### ଚନ୍ଦନ ମଲିକ୍

ସମ୍ପର୍କ ତାଲିକା ତିଆରି କରୁଛି
ହେଲେ ସମ୍ପର୍କ ଗଢି ପାରୁନି
ସମ୍ପର୍କ ନୁହେଁ ଏ ସମୟରେ ଘଡି
ମୋ ହାତେ ଲେଖା ହେଇନୀ
ଲେଖା ହେଇଥିବା ସମ୍ପର୍କ କେବେ
ହାତରୁ ଲିଭେଇ ହୁଏନି
ସମ୍ପର୍କ ର ମୂଲ୍ୟ ବୁଝିବା ଆଗରୁ
ସମ୍ପର୍କ ଦୂରେଇ ଯାଉଛି
ଲେଖିବାକୁ ମୋତେ ଶବ୍ଦ ମିଳୁନାହିଁ
ଖୋଜି ଖୋଜି ମୁ ଲେଖୁଛି
ତମ ପାଇଁ ଅବା କାହା ପାଇଁ ଲେଖେ
ଉ ର ଖୋଜି ମୁ ପାଉନି
ଅତୁଳନିୟ ଏ ସମ୍ପର୍କରେ ମୂଲ୍ୟ
ତୁଳନା କରି କେବେ ହୁଏନି
ଆଜି ବି ଲେଖୁଛି ଆଗକୁ ଲେଖିବି
ଭୁଲି ବାକୁ କେବେ ଦେବିନି ।


■ନିଶ୍ଚିନ୍ତକୋଇଲି , କଟକ
ମୋ: ୯୦୯୦୩୩୦୬୨୩


## ଚନ୍ଦ୍ର ଗ୍ରହଣ
### ଶିବ ପ୍ରସାଦ ବାହିନୀପତି

ଚନ୍ଦ୍ରରେ ଆଜି ଲାଗିଛି ଗ୍ରହଣ
ରାହୁ କରିଅଛି ତାହାକୁ ଗ୍ରାସ ,
ପୂର୍ଣ୍ଣିମାର ଏଇ ପୂର୍ଣ୍ଣ ଚନ୍ଦ୍ରମା
ଢ଼ାଳୁନାହିଁ ତା'ର ସ୍ୱଚ୍ଛ ଆଲୋକ ।
ଅନ୍ଧକାରମୟ ଦିଶଇ ପଥ
ସତେ ଏ ଚନ୍ଦ୍ର ଗୋଟେ ଅଭିଶପ୍ତ ,
ପକ୍ଷେ ଛିଡ଼ି ପୁଣି ପକ୍ଷେ ବଢ଼ଇ
ରାହୁ ଗର୍ଭେ ଆଜି କରୁଛି ଯୁଦ୍ଧ ।
ବିପଦ କାଳେ କେହି ନାହିଁ ତା'ର
ଭୟେ ଲୁଚିଛନ୍ତି ଦେବ ସକଳ ,
ଏକା ଚନ୍ଦ୍ର ଏଠି କରେ ସଂଘର୍ଷ
ବିପଦେ ପଡ଼ିଛି ଜୀବନ ତା'ର ।
ଏଡ଼ିକି ନିଷ୍ଠୁର ଏ ରାହୁ ବୀର
ଚନ୍ଦ୍ରକୁ ଭାବିଲା ପାଚିଲା ଫଳ ,
କ୍ଷୁଧା ଯନ୍ତ୍ରଣା ସହି ନ ପାରିଣ
ଭକ୍ଷଣ କରିଲା ରୋହିଣୀବର ।


■ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର , କଣାସ , ପୁରୀ
ଯୋଗାଯୋଗ - ୮୯୧୭୪୮୦୫୩୬

ଧ୍ୱନି ପ୍ରତିଧ୍ୱନି

୬ ♣ ବାଲେଶ୍ୱର ♣ ମଙ୍ଗଳବାର, ୮ ନଭେମ୍ବର ୨୦୨୨

# ପୁଣ୍ୟ କାର୍ତ୍ତିକ

ଜୟଶ୍ରୀ ପଟ୍ଟନାୟକ

ଉତ୍କଳୀୟ ସଂସ୍କୃତି ଓ ପରଂପରାରେ କାର୍ତ୍ତିକ ମାସ ଏକ ଧର୍ମର ମାସ ପବିତ୍ର ତଥା ଦାନଧର୍ମର ମାସ । ପ୍ରତିଟି ମଣିଷର ହୃଦୟ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଚେତନାରେ ଉଦବୁଦ୍ଧ । ସାତ୍ତ୍ୱିକ ମନୋଭାବ ଦ୍ୱାରା ପରିଚାଳିତ ମନ ଓ ପ୍ରାଣ । ଉତ୍କଳର ବାରମାସରେ ତେରପର୍ବ ସାଙ୍ଗକୁ କଳା ସଂସ୍କୃତି ଉତ୍ସବ ପିଠାପଣା ଯାନିଯାତ୍ରା ମହୋତ୍ସବ ଲାଗି ରହିଥାଏ ସମସ୍ତ ମାସ ମାନଙ୍କରେ କାର୍ତ୍ତିକ ମାସ ହେଉଛି ପବିତ୍ର ମାସ । ଏ ମାସ ବିଷ୍ଣୁଙ୍କର ଅତିପ୍ରିୟ ମାସ ଓ ପୁଣ୍ୟ ମାସ । ତେଣୁ କୁହାଯାଇଛି-

ନ କାର୍ତ୍ତିକ ସମୋ ମାସୋ
ନ କୃତେନ ସମଂ ଯୁଗମ୍
ନବେଦସଦୃଶଂ ଶାସ୍ତ୍ରଂ ନ
ତୀର୍ଥଂ ଗଙ୍ଗୋ ସମମ୍ ।
କାର୍ତ୍ତିକଂ ଖଳୁ ବୈ ମାସଂ
ସର୍ଥ ମାସେ ସୁଚୋଉସମ୍
ପୁଣ୍ୟ ନାଂ ପରମ
ପୁଣ୍ୟଂ ପାବନାନାଂଚ
ପାବନମ୍ ।

ଅର୍ଥାତ୍ କାର୍ତ୍ତିକ ସମ ମାସ ନାହିଁ। ସତ୍ୟଯୁଗ ପରି ଯୁଗ ନାହିଁ। ବେଦ ସମାନ ଶାସ୍ତ୍ର ନାହିଁ। ଗଙ୍ଗା ସଦୃଶ ତୀର୍ଥ ନାହିଁ

ତେଣୁ ମାସ ଶ୍ରେଷ୍ଠ କାର୍ତ୍ତିକ ଭଗବତ୍ ଆରାଧନା ନିମିତ ତଥା ଉପାସନା ଦୃଷ୍ଟିରୁ ଅତି ଉତମ ଅଟେ। ଏହାର ପ୍ରତିଟି ମୁହୂର୍ତ ଆଧ୍ୟାତ୍ମିକ ଭାବନାରେ ରୁଦ୍ଧିମନ୍ତ । ଏ ମାସ ହରିଙ୍କର ଅତି ପ୍ରିୟ ମାସ ତେଣୁ ଏହି ମାସ ସାରା ସକାଳୁ ଉଠି ପ୍ରାତଃ ସ୍ନାନ, ତୃଣ ସଜ୍ଜା, ତୁଳସୀ ଦାମୋଦର ପୂଜା, ନାମଜପ ସଂକୀର୍ତନ ଦାନଧର୍ମ କରି ହବିଷାନ୍ନ ଖାଇ ହବିଷ୍ୟାଳୀ ମାନେ ପାଳନ କରିଥାନ୍ତି । ସାଧାରଣତଃ ବ୍ରତୀ ତଥା ହବିଷ୍ୟାଳୀ ମାନେ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ବ୍ରତବିଧି ପାଳନ କରିଥାନ୍ତି ଏହି ବ୍ରତକୁ ମହାକାର୍ତ୍ତିକ ବ୍ରତ କୁହାଯାଏ । ଏହା ବିଷ୍ଣୁଙ୍କର ଅତି ପ୍ରିୟ ବ୍ରତ ଅଟେ। ତେଣୁ କୁହାଯାଇଛି-

ବିଷ୍ଣୁର ଅତି ପ୍ରିୟ
ମାସ ମହାକାର୍ତ୍ତିକ ଯଥାକୃତ୍ୟ।
ଅଶେଷ ଜନଙ୍କ କଲ୍ୟାଣେ
ମନୁ ଯେ କହିଲେ ପୁରାଣେ।

ଏ ବ୍ରତ ସମତାର ବ୍ରତ । କେବଳ ଉତ୍କଳ ନୁହେଁ ସାରା ଭାରତର ଲୋକମାନେ ମଧ୍ୟ ଏହି ମାସଟିକୁ ସମତାର ସହିତ ପାଳନ କରିଥାନ୍ତି । ଏହିମାସ ସାରା ସାତ୍ତ୍ୱିକ ଆହାର କରାଯାଏ । ଯେଉଁମାନେ ଏହି ବ୍ରତ କରିବାକୁ ଅସମର୍ଥ ସେମାନେ ପଂଚୁକ ପାଂଚଦିନ ବିଧ୍ୱର ସହିତ ସକାଳୁ ଉଠି ସ୍ନାନ ସାରି ତୁଳସୀ ମୂଳେ ମୁରୁଜ ଲେଖି କରିବା ଉଚିତ। ଏହି ପଂଚୁକ ଭୀଷ୍ମ ପଂଚୁକ ନାମରେ ନାମିତ । ଗଙ୍ଗାପୁତ୍ର ଭୀଷ୍ମ ଇଚ୍ଛାମୃତ୍ୟୁ ବର ପାଇଥିଲେ। ଭୀଷ୍ମ ଶରାଘାତରେ ଅର୍ଜୁନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ଶରଶଯ୍ୟାରେ ରହି ଚତୁର୍ମାସ୍ୟା ବ୍ରତ ସମାପନ କରିବା ସହ ଏହି ପାଂଚଦିନ କଠୋର ତପସ୍ୟାରେ ରତ ଥିଲେ ତେଣୁ ଏହାର ନାମ ଭୀଷ୍ମ ପଂଚକ । ଶେଷରେ ଉତରାୟଣ ପ୍ରବେଶ ହେଲାରୁ ମାଘମାସ ଅଷ୍ଟମୀ ତିଥିରେ ସେ ଇଚ୍ଛାମୃତ୍ୟୁ ବରଣ କରିଥିଲେ । ତେଣୁ ଆବାଳ- ବୃଦ୍ଧ- ବନିତା ସାରା କାର୍ତ୍ତିକ ମାସ ନ କରି ପାରିଲେ ବି ପଂଚୁକ ପାଂଚଦିନ କରିବା ବିଧେୟ । ପରମପବିତ୍ର, ସକଳ ପାପନାଶିନୀ ଭକ୍ତିମୁକ୍ତି ପ୍ରଦାୟିନୀ ଏହିବ୍ରତ ଯେଉଁମାନେ ଆଚରଣ କରନ୍ତି ସେହିମାନେ ମୃତ୍ୟୁପରେ ବୈକୁଣ୍ଠକୁ ଯାଆନ୍ତି ବୋଲି ପ୍ରବାଦ ଅଛି । ଶ୍ରୀକ୍ଷେତ୍ରରେ ଶ୍ରୀଜୀଉ ମାନଙ୍କର ରାଇ ଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ ଏବଂ ପଂଚୁକ ପାଂଚଦିନରେ ଲକ୍ଷ୍ମୀ ନାରାୟଣଙ୍କ ବେଶକୁ ପ୍ରାଧାନ୍ୟ ଦିଆଯାଇଥାଏ । ଅର୍ଥାତ୍ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ସମଗ୍ର ୫ ଦିନକୁ ପଂଚୁକ କୁହାଯାଏ ପଂଚୁକ ପାଂଚଦିନରେ ଜଗନ୍ନାଥଙ୍କର ଶୁକ୍ଳ ଏକାଦଶୀରେ ହୁଏ ଲକ୍ଷ୍ମୀ ନାରାୟଣ ବେଶ ବା ଠିଆକିଆ ବେଶ,ଶୁକ୍ଳ ଦ୍ୱାଦଶୀରେ ବାଙ୍କଚୂଡ଼ା ବେଶ ବା ବାମନ ବେଶ, ତ୍ରୟୋଦଶୀରେ ଆଡକିଆ ବେଶ ବା ତ୍ରିବିକ୍ରମ ବେଶ, ଚତୁର୍ଦ୍ଦଶୀରେ ଡାଳିକିଆ ବେଶ ବା ଲକ୍ଷ୍ମୀ ନୃସିଂହ ବେଶ ଓ କାର୍ତ୍ତିକ ପୂର୍ଣ୍ଣମୀ ଦିନ ରାଜାଧିରାଜ ବେଶ ବା ରାଜାବେଶ ଅନୁଷ୍ଠିତ ହୁଏ । ମାତ୍ର ପଂଚୁକ ୬ ଦିନ ଯୋଉବର୍ଷରେ ପଡେ ଜଗନ୍ନାଥ ଅନ୍ତିମ ଦିନରେ ପର୍ଶୁରାମ ବା ନାଗାର୍ଜୁନ ବେଶ ହୁଅନ୍ତି । ରାଧା ଦାମୋଦର ବେଶ ହେଉଥିବା ବେଳେ ଯେଉଁଦିନ ସୋମବାର ପଡ଼େ ସେଦିନ ବଳଭଦ୍ର ହରିହର ବେଶ ହୁଅନ୍ତି । ଅର୍ଦ୍ଧେକ ଧଳା ଓ ଅର୍ଦ୍ଧେକ କଳା ବେଶ ହୁଅନ୍ତି। କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରୀଜୀଉ ମାନଙ୍କର ରାଜ ରାଜେଶ୍ୱର ବେଶ ଅନୁଷ୍ଠିତ ହୁଏ । ମଙ୍ଗଳ ଆଳତୀ ଓ ଅବକାଶ ନୀତି ପରେ ଶ୍ରୀବିଗ୍ରହ ମାନଙ୍କୁ ସୁବର୍ଣ୍ଣ ଅଳଂକାରରେ ସଜ୍ଜିତ କରାଯାଏ ଏହା ସୁନାବେଶର ଅନୁରୂପ। ଅତୀତରେ ବହୁ ରାଜା ଜମିଦାର ମାନେ କାର୍ତକ ପୂର୍ଣ୍ଣିମାଦିନ ଠାକୁର ମାନଙ୍କର ଏହି ବେଶ ଦର୍ଶନ କରି ଖୁବ୍ ସନ୍ତାଷ ଲାଭ କରୁଥିଲେ । ମୟୂରଭଞ୍ଜ ପାରଳାଖେମୁଣ୍ଡି ରାଜ୍ୟର ଗଜପତି ମାନେ ଏହି ବେଶ ଦର୍ଶନ କରି ମହାପ୍ରଭୁଙ୍କୁ ସୁନିଆ ଭେଟି ଦେଇ ମହୋତ୍ସବ କରାଉଥିଲେ । ମହାକାର୍ତିକରେ ରାଧା ଦାମୋଦର ବେଶ ଓ ରାଜରାଜେଶ୍ୱର ବେଶର ମହତ୍ୱ ରହିଛି ।।

ଭଗବାନ ବିଷ୍ଣୁଙ୍କ ସ୍ୱରୂପ ଶାଳଗ୍ରାମ ଓ ମାତା ତୁଳସୀଙ୍କ ମିଳନର ପର୍ବ ହେଉଛି ତୁଳସୀ ବିବାହ । ହିନ୍ଦୁ ଧର୍ମ ଅନୁସାରେ କାର୍ତ୍ତିକ ମାସର ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଏହିପର୍ବ ପାଳିତ ହୁଏ ଦେବ ପ୍ରବୋଧିନୀ ଏକାଦଶୀ ଦିନ ସନାତନ ଧର୍ମାବଲମ୍ବୀ ଘର ସଫାକରି ରଙ୍ଗ ବେରଙ୍ଗର ଝୋଟି ଆଙ୍କିଥାନ୍ତି । ସଂଧ୍ୟା ସମୟରେ ତୁଳସୀ ଚଉଁରା ପାଖରେ ଆଖୁର ଭବ୍ୟ ମଣ୍ଡପ ତିଆରି କରାଯାଇ ସେଥିରେ ନାରାୟଣଙ୍କ ସ୍ୱରୂପ ଶାଳଗ୍ରାମ ମୂର୍ତି ସ୍ଥାପନ କରାଯାଏ ବିଧି ବିଧାନ ପୂର୍ବକ ତୁଳସୀଙ୍କ ସହ ଶାଳଗ୍ରାମଙ୍କ ବିବାହ ସମ୍ପନ୍ନ ହୁଏ। ପୌରାଣିକ କଥାନୁସାରେ ଜଳନ୍ଧର ନାମକ ରାକ୍ଷସର ପତ୍ନୀ ଥିଲେ ତୁଳସୀ । ତାଙ୍କର ଶିଷ୍ଟତା ଓ ସମର୍ପଣ ଯୋଗୁ ଜଳନ୍ଧର ତିନିଲୋକରେ ଅଜୟ ହୋଇଗଲା। ସ୍ୱୟଂ ଭଗବାନ ଶିବ ମଧ୍ୟ ତାକୁ ପରାସ୍ତ କରିପାରିଲେନାହିଁ । ଏହାର ସମାଧାନ ପାଇଁ ଶିବ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ସୃଷ୍ଟିର କଲ୍ୟାଣ ପାଇଁ ବିଷ୍ଣୁ ବୃନ୍ଦାଙ୍କ ସତୀତ୍ୱ ନଷ୍ଟ କଲେ । ଫଳରେ ସତୀ ତାଙ୍କୁ ଅଭିଶାପ ଦେଲେ ଓ ଭଗବାନ ବିଷ୍ଣୁ ପଥର ପାଲଟିଗଲେ ଏହି କାରଣ ଯୋଗୁଁ ଭଗବାନ ବିଷ୍ଣୁଙ୍କୁ ଶାଳଗ୍ରାମ ମଧ୍ୟ କୁହାଯାଏ । ଭକ୍ତମାନେ ତାଙ୍କୁ ଏହି ରୂପରେ ପୂଜା କରନ୍ତି ଶାପରୁ ମୁକ୍ତି ପାଇବା ପାଇଁ ଭଗବାନ ବିଷ୍ଣୁଙ୍କୁ ଶାଳଗ୍ରାମ ସ୍ୱରୂପରେ ତୁଳସୀକୁ ବିବାହ କରିବାକୁ ପଡ଼ିଲା ସେହିଦିନଠାରୁ ତୁଳସୀ ବିବାହ ଉତ୍ସବ ପ୍ରତିବର୍ଷ ପାଳନ କରାଯାଏ । କାର୍ତ୍ତିକ ମାସରେ ଚଉଁରାରେ ଥିବା ତୁଳସୀ ବୃକ୍ଷ ପୂଜା କଲେ ଅଶେଷ ପୁଣ୍ୟ ଲାଭ ହୋଇଥାଏ ଏହି ପୂଜା କରୁଥିବା ଭକ୍ତ ବିଷ୍ଣୁଲୋକ ପ୍ରାପ୍ତ କରିଥାଏ ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି । ତୁଳସୀଙ୍କ ମହାତ୍ମ୍ୟ ଏହିମାସରେ ଶ୍ରବଣ କଲେ ଅଧିକ ପୁଣ୍ୟ ମିଳେ । ସମୁଦ୍ର ମନ୍ଥନରୁ ମାତା ଲକ୍ଷ୍ମୀ, କଳ୍ପବୃକ୍ଷ, ଐରାବତ, କାମଧେନୁ ଆଦି ବାହାରିଲା । ଅମୃତ ପାତ୍ର ଧରିବା ସମୟରେ ଭଗବାନଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ଝରିପଡ଼ିଲା ସେହି ଅଶ୍ରୁରୁ ହିଁ ତୁଳସୀ ଜନ୍ମ ହୋଇଥିଲେ । ବିଷ୍ଣୁ ତୁଳସୀକୁ ନିଜ କୋଳରେ ବସାଇଲେ ତାଙ୍କ ଆଶୀର୍ବାଦରୁ ତୁଳସୀ ଏକ ପବିତ୍ର ବୃକ୍ଷରେ ପରିଣତ ହେଲେ । ଭବିଷ୍ୟତରେ ତୁଳସୀକୁ ପୂଜା କରୁଥିବା ଲୋକ ବିଷ୍ଣୁକୃପା ଲାଭ କରିବେ ବୋଲି ନାରାୟଣ ଆଶୀର୍ବାଦ ଦେଲେ।

ମହାକାର୍ତିକରେ ଶ୍ରୀହରିଙ୍କ ଉଦ୍ଦେଶ୍ୟରେ ଆକାଶଦୀପ ଦାନ ଏକ ପୁରାଣ ପ୍ରସିଦ୍ଧ ବିଧି ଅଟେ।

ଦାମୋଦରାୟ ବିଶ୍ୱାୟ
ବିଶ୍ୱରୂପ ପରାୟତ
ନମସ୍କୃତ୍ୱା ପ୍ରଦାସ୍ୟାମି
ବ୍ୟୋମଦୀପଂ ହରିପ୍ରିୟମ୍ ।

ମହାରାଜା ସୁନନ୍ଦ କାର୍ତ୍ତିକମାସର ସମସ୍ତ ବିଧି ବିଧାନ ପାଳନ ପୂର୍ବକ ଆକାଶଦୀପ ଦାନ କରୁଥିଲେ । ଆକାଶଦୀପ ପିତୃପୁରୁଷଙ୍କ ମୋକ୍ଷ ନିମନ୍ତେ ମଧ୍ୟ ଉଦ୍ଦିଷ୍ଟ ଅଟେ । ଯାଦ୍ୱାରା କି ପିତୃପୁରୁଷଗଣ ନରକ ଭୋଗ କରୁଥିଲେ ତହିଁରୁ ଉଦ୍ଧାର ପାଇ ପରମଗତି ପ୍ରାପ୍ତି ହୋଇଥାନ୍ତି । ତେଣୁ କାର୍ତ୍ତିକ ମାସରେ ଆକାଶଦୀପ ଦାନ କଲେ ନିଜର କୂଳସମୂହ ପବିତ୍ର ହେବା ସଙ୍ଗେ ସଙ୍ଗେ ଦୀପଦାନ ବ୍ୟକ୍ତି ଧନବାନ୍, ପୁତ୍ରବାନ୍ ତଥା ସର୍ବୈଶ୍ୱର୍ଯ୍ୟସମ୍ପନ୍ନ ହୋଇଥାନ୍ତି ଏବଂ ମହାଫଳ ପ୍ରାପ୍ତି ମଧ୍ୟ ହୋଇଥାଏ । ବଡ଼ଓଷା ଦିନ ଏହି ଆକାଶଦୀପ ଉଠିଥାଏ ଓ ପରଦିନ କାର୍ତ୍ତିକପୂର୍ଣ୍ଣିମା ରେ ଦିଅଁ ଦେଖି ବ୍ରତଚାରୀ ମାନେ ଭୋଗ ସେବନ କରିଥାନ୍ତି । ହବିଷ୍ୟାଳିମାନେ ସାରାମାସ ପାଳନ କରିଥିବା ବ୍ରତ ତଥା କାର୍ତ୍ତିକ ପୂର୍ଣ୍ଣିମାର ପୂର୍ବ ପାଂଚଦିନ ପାଳନ କରିଥିବା ମହାପଂଚକ ବା ଭୀଷ୍ମ ପଂଚକର ଶେଷଦିନ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମୀରେ କଦଳୀ ପଟୁଆ ନିର୍ମିତ ଡଙ୍ଗା ଦୀପ ଭୋଗ ଦେଇ ରାଇ ଦାମୋଦର ବ୍ରତ ଉଦ୍‌ଯାପନ କରନ୍ତି । ଅବାବାଳବୃଦ୍ଧବନିତା ପ୍ରତ୍ୟୁଷରୁ ନଦୀକୁ ଯାଇ ବୁଡ ପକାଇ କଦଳୀ ପଟୁଆରେ ବା ସୋଲ ତିଆର ସୁସଜ୍ଜିତ ଡଙ୍ଗାରେ ପାନ ଗୁଆ ନଡିଆ , ଲବଙ୍ଗ କଦଳୀ ସମେତ ପ୍ରଜ୍ୱଳିତ ଦୀପମାଳା ଗୁଡିକୁ ସୁସଜ୍ଜିତ କରି ସଶ୍ରଦ୍ଧରେ ଉତୁଙ୍ଗ ସ୍ରୋତଯୁକ୍ତ ନଦୀ କିମ୍ବା ସାଗର ଜଳରେ ଭସାଇବା ବିଧି କେଉଁ ଆବହମାନ କାଳରୁ ଅଦ୍ୟାବଧି ପ୍ରଚଳିତ ହୋଇଆସୁଛି । ଏହି ସମୟରେ ସମସ୍ତେ ଗାଇ ଉଠନ୍ତି-

ଆ କା ମା ବୈ
ପାନଗୁଆ ଥୋଇ
ପାନଗୁଆ ତୋର
ମାସକ ଧରମ ମୋର ।

ବୋଲି କହି ଭସାନ୍ତି । ଏହାର ଅର୍ଥ ଆଷାଢ ଓ କାର୍ତ୍ତିକ ମାସ ମଧ୍ୟରେ କଳିଙ୍ଗର ଦୁର୍ଦ୍ଦଶ ଜାତି ଦକ୍ଷିଣ ପୂର୍ବ ଏସୀୟ ଦ୍ୱୀପପୁ ମାନଙ୍କରେ ଦ୍ୱିପାକ୍ଷିକ ଦରିଆପାରି ଦୁଃସାହସିକ ସାମୁଦ୍ରିକ ନୌବାଣିଜ୍ୟ ଆଷାଢରେ ଯାଇ ବାହୁଡି ଆସନ୍ତି । ଏହି ପୂର୍ଣ୍ଣିମା ତିଥିରେ ବିଦେଶରୁ ସ୍ୱଦେଶକୁ ବୋହି ଆଣିଥିବା ଗୁଆ, ଲବଙ୍ଗ ଅଳେଇଚ ଗୁଜୁରାତି ଓଡିଶାର ପ୍ରସିଦ୍ଧ ପାନରେ ଦେଇ ବୋଇତାଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ନୈବେଦ୍ୟ ଅର୍ପଣ କରନ୍ତି । କଳିଙ୍ଗର ନୌବାଣିଜ୍ୟ ପରମ୍ପରା ପ୍ରାୟତଃ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ପ୍ରଚଳିତ ହୋଇଆସୁଅଛି । କାର୍ତ୍ତିକରେ ଏହିଦିନ ପ୍ରତ୍ୟୁଷରୁ ସ୍ନାନ କରି ଦେବ ଦର୍ଶନ କରିବା ଦ୍ୱାରା ସମସ୍ତ ପାପ ନାଶ ହେଉଥିବା ବିଶ୍ୱାସ କରାଯାଏ ।

ପ୍ରତ୍ୟେକ ପର୍ବ ବା ଉତ୍ସବର ଉଦ୍ଦେଶ୍ୟ ହେଉଛି ଧର୍ମ ବା ପୁଣ୍ୟ ଅର୍ଜନ କରିବା ଏବଂ ସମାଜରେ ମାନବୀୟ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା । ଧାର୍ମିକ ଚିନ୍ତାଧାରାରେ ନିଜକୁ ନିୟୋଜିତ କରିବା ।

+ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

# ପବିତ୍ର କଟକୀ ବାଲିଯାତ୍ରା

ରମେଶ ଚନ୍ଦ୍ର ନାୟକ

ଉତ୍କଳୀୟ ସଂସ୍କୃତିରେ ଯେତେ ଗୁଡିଏ ପର୍ବ ପର୍ବାଣୀ ତଥା ଉତ୍ସବ ପାଳନ କରାଯାଏ, ସେଥିମଧ୍ୟରୁ ବାଲିଯାତ୍ରା ଉତ୍ସବ ଅନ୍ୟତମ। ଏହା ମୁଖ୍ୟତଃ ଓଡିଶାର ଏକ ଓଡ଼ିଆ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ। ବାଲିଯାତ୍ରା ଓଡ଼ିଶାର ଗୌରବପୂର୍ଣ୍ଣ ଐତିହ୍ୟରଯାତ୍ରା। ଏହା ଏପରି ଏକ ଗଣମହୋତ୍ସବ ଯାହା ଓଡ୍ର, କଳିଙ୍ଗ, ଉତ୍କଳ, ତୋଷାଳୀ, କୋଶଳର ସମନ୍ୱୟ ଭିତ୍ତିକ ଯାତ୍ରା। ଏହି ଯାତ୍ରା କାର୍ତ୍ତିକ ମାସରେ ପୂର୍ଣମା ଠାରୁ ସାଧାରଣତଃ ଆରମ୍ଭ ହୋଇଥାଏ। ଆଗ କାଳରେ ସାଧବ ପୁଅମାନେ ନିଜ ବୋଇତରେ ଜାଭା , ସୁମାତ୍ରା, ବୋର୍ଣ୍ଣିଓ ଆଦି ସ୍ଥାନକୁ ବେପାର ବଣିଜ କରିବାକୁ ଯାଉଥିଲେ , ଯାହାର ସ୍ମୃତିରେ ଉପକୂଳ ଅଞ୍ଚଳମାନଙ୍କରେ ବାଲିଯାତ୍ରା ଆୟୋଜନ କରାଯାଇଥାଏ। ଏହା ଅତୀତ ଉତ୍କଳରେ ଗୌରବମୟ ସଂସ୍କୃତିର ବାର୍ତ୍ତା ବହନ କରିଥାଏ। ପୁରାଣ ବର୍ଣ୍ଣିତ ତଅପୋଇ କାହାଣୀ କିମ୍ବଦନ୍ତୀ ଏହି ପରମ୍ପରାର ରୋମାଞ୍ଚ କରିଦେଇଛି। ଆ କା ମା ବୈ ରେ ଗୁଞ୍ଜରିତ ସେଦିନର ଉପକୂଳ ଅଞ୍ଚଳ ସମୂହର ସ୍ୱର୍ଣ୍ଣିମ ଅଧ୍ୟାୟର ସ୍ମୃତି ଆଜିବି ଗୁଞ୍ଜରିତ ହୁଏ ପ୍ରତ୍ୟେକ ଓଡିଆଙ୍କ ରକ୍ତ ବିନ୍ଦୁରେ। ଆଉ ସେହି ପରମ୍ପରାକୁ ଉତ୍ସବ ଭାବେ ପାଳନ କରିବା ନିମିତ୍ତ ରାଜ୍ୟ ସରକାର ଙ୍କ ପ୍ରୟାସରେ ପ୍ରତିବର୍ଷ କଟକରେ ଅନୁଷ୍ଠିତ ହୋଇଥାଏ ପବିତ୍ର ବାଲିଯାତ୍ରା ଉତ୍ସବ। ଇତିହାସ ଏବଂ ବ୍ୟୁତ୍ପତ୍ତିଗତ ବ୍ୟାଖ୍ୟା ବାଲି ଅର୍ଥାତ୍ ଅଧୁନା ଇଣ୍ଡୋନେସିଆର ବାଲି ଦ୍ୱୀପ , ଯାହା ସହ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ରହିଥିଲା। ଓଡ଼ିଆ ସାଧବପୁଅ ଅର୍ଥାତ୍ ବଣିକ ଗୋଷ୍ଠୀର ପ୍ରତିନିଧିଗଣ ବାଲିଦ୍ୱୀପ ସହ

ଜାଭା, ସୁମାତ୍ରା , ବର୍ଣ୍ଣିଓ ଦ୍ୱୀପମାନଙ୍କୁ କାର୍ତ୍ତିକ ପୂର୍ଣ୍ଣିମା ଦିନ ଗମନ କରୁଥିଲେ ଏବଂ ବ୍ୟବସାୟରୁ ପ୍ରାପ୍ତ ଧନ ସମ୍ପଦ ଉତ୍କଳର ଅର୍ଥନୀତିକୁ କରୁଥିଲେ ସମୃଦ୍ଧ। ଯଦିଓ ଅନ୍ୟାନ୍ୟ ଅଞ୍ଚଳ ସହ ବାଣିଜ୍ୟିକ ସମ୍ପର୍କ ରହିଥିଲା , କିନ୍ତୁ ବାଲିଦ୍ୱୀପ ପେଣ୍ଠସ୍ଥଳୀ ଭାବେ ପରିଗଣିତ ଥିଲା। ଏଣୁ ଏଭଳି ନାମକରଣ କରାଯାଇଛି ବୋଲି ଅନୁମାନ କରାଯାଏ। ଅନ୍ୟ ମତାନୁସାରେ କାର୍ତ୍ତିକ ପୂର୍ଣ୍ଣିମାରେ ଉଚ୍ଚାରୀତ ଆ କା ମା ବୈ ଶବ୍ଦ ବର୍ଷର ମୁଖ୍ୟ ଚାରିମାସ ଯଥା ଆଷାଢ଼ , କାର୍ତ୍ତିକ, ମାର୍ଗଶୀର ଏବଂ ବୈଶାଖ , ସେଥିରେ ଧର୍ମ କର୍ମ ତଥା ଈଶ୍ୱର ଉପାସନା କରିବାକୁ ଦର୍ଶାଏ। ଆମର ସଂସ୍କୃତି ଖ୍ରୀଷ୍ଟପୂର୍ବ ଦଶହଜାର ବର୍ଷର ପୂର୍ବବର୍ତ୍ତୀ ବୋଲି ଗବେଷକମାନେ ମତ ପ୍ରଦାନ କରନ୍ତି। ବିବର୍ତ୍ତନ ବାଦର ସ୍ରୋତରେ ଉତ୍କଳୀୟ ସାଂସ୍କୃତିକ ପରମ୍ପରା ବିଲୁପ୍ତ ହୋଇଯାଇଥିବା ସ୍ଥଳେ କଟକର ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ ଅତୀତର ସ୍ମୃତି ଓ ସ୍ୱାଭିମାନକୁ ଉଜ୍ଜୀବିତ କରିଥାଏ। କଟକ ହେଉଛି ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର। ପୂର୍ବେ ଏହା ଓଡ଼ିଶାର ରାଜଧାନୀ ଥିଲା ଏବଂ ଏହାକୁ ଓଡ଼ିଶାର ଏକ ମୁଖ୍ୟ ବାଣିଜ୍ୟ କେନ୍ଦ୍ର ଭାବେ ପରିଗଣିତ କରାଯାଏ। କଟକକୁ ଛାଡି ଓଡ଼ିଶାର ଶିକ୍ଷା ସଂସ୍କୃତି ଓ ପ୍ରଗତିର କଥା ଚିନ୍ତା କରାଯାଇପାରେ ନାହିଁ। ସେଥିପାଇଁ କଥାରେ ଅଛି 'କଟକ ନଗର - ଧବଳ ଟଗର' । କଟକର ବାଲିଯାତ୍ରା ସମଗ୍ର ଉତ୍କଳର ଐତିହ୍ୟ ଓ ସଂସ୍କୃତିର ବୈଜୟନ୍ତୀ ଗୌରବାଞ୍ଜଳ ପ୍ରାଚୀନ ନୌବାଣିଜ୍ୟର ବାର୍ତ୍ତାବହ। ଏହି ଯାତ୍ରା କେବଳ ପ୍ରଦର୍ଶନୀର ଏକ କ୍ଷେତ୍ର ନୁହେଁ , ଏହା ଆମ ରାଜ୍ୟର ଶିଳ୍ପ , କଳା , ଭାସ୍କର୍ଯ୍ୟ ବିଭିନ୍ନ ବାଣିଜ୍ୟିକ ବିଭବ ତଥା ହସ୍ତଶିଳ୍ପ ଓ କୁଟୀର ଶିଳ୍ପର ଏକ ଭରପୁର ଗନ୍ତାଘର। ତେଣୁ ବାଲିଯାତ୍ରା ଓଡ଼ିଶାର ଏକ ଜାତୀୟ ପର୍ବ ଭାବରେ ସୁପ୍ରତିଷ୍ଠିତ ଓ ସୁବିଦିତ। ଏହି ବାଲିଯାତ୍ରା ଉତ୍ସବ କେବେଠାରୁ ଓ କାହିଁକି ପ୍ରଚଳିତ ହେଲା ତା'ର କିଛି ସଠିକ୍ ପ୍ରମାଣ ମିଳେ ନାହିଁ। ଐତିହାସିକ ତଥା ଗବେଷକମାନେ ଏହା ଉପରେ ଭିନ୍ନ ଭିନ୍ନ ମତପୋଷଣ କରନ୍ତି। କେତେକ କହନ୍ତି କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରୀ ଚୈତନ୍ୟ ମହାପ୍ରଭୁ କଟକରେ ବିରାଜମାନ କରି ଉଦଣ୍ଡ କୀର୍ତ୍ତନ ପୂର୍ବକ ବିଭୁ ପ୍ରେମରେ ଆତ୍ମ ବିସ୍ମୃତ ହୋଇ ପୁଣ୍ୟତୋୟା ମହାନଦୀର ବାଲିଘାଟରେ ଗଡ଼ି ଗଡ଼ି ଲୋଟି ଯାଇଥିଲେ। ସେହିଦିନ ଠାରୁ ଏ ପବିତ୍ର ଘାଟ ଗଡଗଡିଆ ଘାଟ ରୂପେ ବିଦିତ ଏବଂ ସେଇ ଅବିସ୍ମରଣୀୟ ସ୍ମୃତିକୁ ସାଉଁଟି ରଖିବାକୁ ଯେଉଁ ଉତ୍ସବର ଆୟୋଜନ କରାଯାଇଥିଲା, ଆଜିର ବାଲିଯାତ୍ରା ତାହାର ଏକ ପରିପ୍ରକାଶ। ଆଉ କେତେକଙ୍କ ମତ ଅନୁସାରେ , ଏହି ଦିନ ବଣିଜ ବେପାର ସାରି ସ୍ୱଦେଶକୁ ବାହୁଡ଼ି ଆସୁଥିବା ସାଧବ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏପରି ଏକ ଆୟୋଜନ କରାଯାଇଥିଲା। ପୁନଶ୍ଚ ଆଉ କେତେକଙ୍କମତରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ସାଧବମାନେ ବୋଇତରେ ବାଲିଦ୍ୱୀପକୁ ଯାତ୍ରା କରୁଥିବାରୁ ଏ ଉତ୍ସବ ବାଲିଯାତ୍ରା ନାମରେ ନାମିତ ହୋଇଛି। କିନ୍ତୁ ଓଡ଼ିଆ ଝିଅଙ୍କ ଖୁଦୁରୁକୁଣୀ ଓଷା କଥାକୁ ତର୍ଜମା କରି ଦେଖିଲେ ଏହି ମତଟି ଅଧିକ ପ୍ରାସଙ୍ଗିକ ମନେହୁଏ। ବର୍ତ୍ତମାନ କଟକ ସହରରେ ଏକ ପାରିବାରିକ ଉତ୍

## ବୋଇତ ବନ୍ଦାଣ ପରମ୍ପରା...

(ପୃଷ୍ଠା ୪ର ଅବଶିଷ୍ଟ) ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ, ଜଗନ୍ନାଥ ବଳଭଦ୍ରଙ୍କ କଳାଘୋଡ଼ା, ଧଳାଘୋଡ଼ା ଚଢ଼ିଯାତ୍ରା ଏବଂ ମାଣିକ ଗଉଡୁଣୀର ଦହିଖାଇ ରତ୍ନମୁଦ୍ରିକା ପ୍ରଦାନ କିମ୍ବଦନ୍ତୀ ସୂଚନା ଦିଏ ମାଣିକପାଟଣାଠାରେ ଆବିଷ୍କୃତ ବୋଇତ ପ୍ରାଚୀନ ଚୀନ ଦେଶର ପାତ୍ର, ଶ୍ରୀଲଙ୍କାର ପ୍ରାଚୀନ ମୁଦ୍ରା। ଏହି ପ୍ରତ୍ନତାତ୍ତ୍ୱିକ ଖନନର ଦାୟିତ୍ୱ ନେଇଥିଲେ ବିଶିଷ୍ଟ ଗବେଷକ, ବିଶେଷଜ୍ଞ ଡଃ କରୁଣା ସାଗର ବେହେରା ।

ସମୁଦ୍ର ଓ ସମୁଦ୍ର ଯାତ୍ରା ସହିତ ଆମର ପରମ୍ପରାର ନିବିଡ଼ ସଂପର୍କ ରହିଛି । ପରମ୍ପରାକୁ ପ୍ରତିପାଦିତ କରିବାକୁ ହେଲେ ଭୌଗୋଳିତ ଅବସ୍ଥାନକୁ ବିଚାରକୁ ନେବାକୁ ପଡ଼ିବ । ଉତ୍କଳୀୟ ପରମ୍ପରାକୁ ପୁନଶ୍ଚ ଭାରତୀୟ ସଂସ୍କୃତି ଓ ଐତିହ୍ୟ ପରିପ୍ରେକ୍ଷୀରେ ବିଚାର କରିବାକୁ ହେବ । ସମୁଦ୍ର ଯାତ୍ରାର ସୂଚନା ଆମର ବୈଦିକ ଯୁଗରୁ ରହିଛି। ସିନ୍ଧୁ ସଭ୍ୟତାର ଖନନରୁ ବୋଇତର ଖୋଦିତ ଚିତ୍ର ମଧ୍ୟ ରହିଛି । ବହୁ ପ୍ରାଚୀନ କାଳରୁ ବାହାର ଦେଶମାନଙ୍କ ସହିତ ଆମର ବାଣିଜ୍ୟକ ଓ ସାଂସ୍କୃତିକ ସଂପର୍କ ରହିଥିବାର ପ୍ରମାଣ ଅଛି। ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ବଙ୍ଗଳା, ତାମିଲନାଡୁ ଓ ଗୁଜୁରାଟ୍ ଭଳି ସମୁଦ୍ର ଉପକୂଳର ରାଜ୍ୟମାନଙ୍କର ସଂପର୍କ ରହିଥିବା ପ୍ରତିଷ୍ଠିତ ହୋଇସାରିଛି । ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ କ୍ଷେତ୍ରରେ ବାହାର ଦେଶମାନଙ୍କ ସଂପର୍କନେଇ ପୂର୍ବରୁ ବିଶେଷ କିଛି ଗବେଷଣା ହୋଇନଥିଲା। ଏହା କେତେ ପ୍ରାଚୀନ ଏବଂ ଏହାର ଐତିହାସିକ ଗୁରୁତ୍ୱ କେତେଦୂର ରହିଛି, ସେ ସଂପର୍କରେ ସବିଶେଷ ତଥ୍ୟ ଆଜିଯାଏ ଉଦ୍‌ଘାଟିତ ନ ହୋଇଥିଲେ ବି ଉତ୍କଳୀୟ ନୈବାଣିଜ୍ୟ ଯେ ଏକଦା ଥିଲା, ତାହା ଅନ୍ତତଃ ପକ୍ଷେ ସ୍ପଷ୍ଟ ।

ଆମର 'ବୋଇତ ବନ୍ଦାଣ' ପରମ୍ପରା ବହୁ ପ୍ରାଚୀନ, ଏକ ସତ୍ୟବଦ୍ଧ ଐତିହ୍ୟ ଉପରେ ଏହାର ଭିତ୍ତି ପ୍ରତିଷ୍ଠିତ । ମାତ୍ର ଉପଯୁକ୍ତ ଗବେଷଣାର ଅଭାବ ଏବଂ ପ୍ରାଚୀନ କୀର୍ତ୍ତିର ଐତିହାସିକ ସନନ୍ଦକୁ ପ୍ରତିଷ୍ଠା କରିବା ଦିଗରେ ସରକାର । ଜନସାଧାରଣ ଏବଂ ଗବେଷଣା ମାନଙ୍କର ଉଦାସୀନତା ଅତ୍ୟନ୍ତ ଦୁଭାଗ୍ୟ ଜନକ । ପରମ୍ପରାକୁ ନେଇ କେବଳ ମାତିଲେ ହୁଏ ନାହିଁ, ପରମ୍ପରାକୁ ପ୍ରତିଷ୍ଠା କରିପାରିବା ହିଁ ବଡ଼ପଣ, ପୁରୁଷାକାର । ପଶ୍ଚିମବଂଗ ସରକାରଙ୍କ ପକ୍ଷରୁ ଏକ ମ୍ୟୁଜିୟମ୍ ପ୍ରତିଷ୍ଠା ହୋଇଛି, ତାମିଲ୍‌ନାଡୁର ବାହାର ଦେଶମାନଙ୍କ ସହ ଥିବା ନୌବାଣିଜ୍ୟ ସଂପର୍କ ତଥା ପ୍ରମାଣିତ ହୋଇସାରିଛି, ମାତ୍ର 'ଦେଖା-ଶିଖା ଓଡ଼ିଶା'ରେ ସେତକ ମଧ୍ୟ ଦେଖାଶିଖାରେ ଏଯାଏ ହୋଇନାହିଁ ।

+ପଲେଇ, ବାଲିଚନ୍ଦ୍ରପୁର, ଯାଜପୁର, ମୋ: ୯୪୩୮୮୩୧୨୯୪

## ପ୍ରଗତିବାଦୀର ସୁବର୍ଣ୍ଣ ଜୟନ୍ତୀରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଦୈନିକ ଖବରକାଗଜ ପ୍ରଗତିବାଦୀର ସୁବର୍ଣ୍ଣ ଜୟନ୍ତୀ ସହିତ ଏହାର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ୯୦ତମ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରଗତିବାଦୀ ପାଇଁ ଆଜି ଏକ ଐତିହାସିକ ଦିନ । ପ୍ରଗତିବାଦୀ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରଦ୍ୟୁମ୍ନ ବଳ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଥିଲେ । ଜଣେ ଦୃଢ଼ମନା ବ୍ୟକ୍ତି ସହିତ ସମାଜର ସବୁ ଶ୍ରେଣୀ ପାଇଁ ସେ ଚିନ୍ତା କରୁଥିଲେ । ତାଙ୍କ ସଂଘର୍ଷ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି । ବାକ୍ ସ୍ୱାଧୀନତା ଓ ମିଡିଆ ଏଥିକ୍ସକୁ ପାଳନ କରୁଥିଲେ ପ୍ରଦ୍ୟୁମ୍ନ । ତାଙ୍କ ଆଦର୍ଶରେ ସାମ୍ବାଦିକମାନେ ଅନୁପ୍ରାଣିତ ହୋଇଛନ୍ତି । ପ୍ରଦ୍ୟୁମ୍ନ ବଳଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଗତିବାଦୀ ଆଜି ୫୦ବର୍ଷରେ ପାଦ ଥାପିଛି। ସବୁବେଳେ ନିରପେକ୍ଷତାକୁ ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସମାଜର ଦୁର୍ବଳ ସ୍ତରରେ ଲୋକଙ୍କ ପାଇଁ କାମ କରିବାକୁ ନବୀନ କହିଛନ୍ତି । ଓଡ଼ିଶା ଏବେ ବିକାଶର ଶୀର୍ଷ ଆଡ଼କୁ ଅଗ୍ରସର । ଓଡ଼ିଶାର ରୂପାନ୍ତରଣ ସାରା ବିଶ୍ୱରେ ପ୍ରଶଂସିତ। ନୂଆ ଓଡ଼ିଶା ଗଠନରେ ପ୍ରଗତିବାଦୀ ସହଯୋଗ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆଜିଠୁ ଭୁବନେଶ୍ୱର....

ବେଳେ ବାଲିଯାତ୍ରା ବେଳେ ଭାରି ଯାନ ଚଳାଚଳ ବନ୍ଦ କରାଯିବ । କିଛି ସ୍ଥାନରେ ଡାଇଭର୍ଜନ କରାଯିବା ସହ ଗାଡି ରାସ୍ତାରେ ଫସିଲେ ତାକୁ ଉଠାଇବାକୁ ରାସ୍ତା କଡ଼ରେ କ୍ରେନ ରଖାଯିବ। ବାଲିଯାତ୍ରା ସମୟରେ ୮ ରୁ ୧୦ ପ୍ଲାଟୁନ ପୋଲିସ ମୁତୟନ କରାଯିବା ସହ ଚୋରୀକୁ ନଜରରେ ରଖି ସ୍ୱତନ୍ତ୍ର ସ୍କ୍ୱାର୍ଡ ରହିବେ। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଇବାକୁ ବାଲିଯାତ୍ରା କମିଟିକୁ ପରାମର୍ଶ ଦେଇଛି ପୋଲିସ । ବାଲିଯାତ୍ରା ବେଳେ ସାଧା ପୋଷାକରେ ବୁଲିବେ କମିଟିର କର୍ମକର୍ତା ।ଖାଇବା ଷ୍ଟଲରେ ବାସୀ ଖାଦ୍ୟ ଥିଲେ, ତାହା ଜବତ କରାଯିବ କାର୍ଯ୍ୟାନୁଷ୍ଠାନ ହେବ। ପଲିଥିନ ବ୍ୟବହାର ନକରିବାକୁ ପ୍ରାଥମିକତା ଦିଆଯିବା ସହ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ମେଡିକାଲ କ୍ୟାମ୍ପ ଓ ଆମ୍ବୁଲାନ୍ସ ରହିବ ।

### ଆର୍ଥିକ ଅନଗ୍ରସର ସଂରକ୍ଷଣକୁ ନେଇ....

ତେବେ ଜଷ୍ଟିସ ଜେବି ପାର୍ଦିୱାଲା, ଜଷ୍ଟିସ ତ୍ରିବେଦୀ, ଜଷ୍ଟିସ ମାହେଶ୍ୱରୀ ଆର୍ଥିକ ଅନଗ୍ରସର ବର୍ଗଙ୍କୁ ୧୦ ପ୍ରତିଶତ କୋଟା ସପକ୍ଷରେ ରାୟ ଦେଇଥିଲେ । ଏହି କୋଟା ବ୍ୟବସ୍ଥା ୧୦୩ ତମ ସମ୍ବିଧାନର ମୌଳିକ ଢାଞ୍ଚା ଉଲ୍ଲଂଘନ କରୁନାହିଁ ବୋଲି ଜଷ୍ଟିସ ମାହେଶ୍ୱରୀ । ଜଷ୍ଟିସ ତ୍ରିବେଦୀ କହିଥିଲେ ଏହା ମୂଳ ବିଚାରଧାରାକୁ ବିରୋଧ କରୁଛି କହି ରଦ୍ଦ କରିବା ଠିକ୍ ନୁହେଁ । ବରଂ ସଂରକ୍ଷଣ ନୀତି ପୁନଃ ସମୀକ୍ଷା କରାଯିବା ଆବଶ୍ୟକ ଏବଂ ସଂରକ୍ଷଣ ନିମନ୍ତେ ଉଦ୍ଦିଷ୍ଟ ସମୟ ସୀମା ରଖାଯିବା ଆବଶ୍ୟକ । ଜଷ୍ଟିସ ମାହେଶ୍ୱରୀ କହିଛନ୍ତି, କୋଟା ବ୍ୟବସ୍ଥା ଦୀର୍ଘ ସମୟ ପାଇଁ ଲାଗୁ ହେବା ଠିକ୍ ନୁହଁ ନହେଲେ ଏହା ବ୍ୟକ୍ତିଗତ ସ୍ୱାର୍ଥରେ ପରିଣତ ହେଉଛି । ତେଣୁ ଏଥିପାଇଁ ଏକ ସମୟସୀମା ରହିବା ଜରୁରୀ । ସମ୍ବିଧାନର ୧୦୩ରେ ସଂଶୋଧନ କରି ମୋଦୀ ସରକାର ୨୦୧୯ ପୂର୍ବରୁ ଏହି କୋଟା ବ୍ୟବସ୍ଥା ଆଣିଥିଲେ । ଏହାକୁ ନେଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ ହୋଇଥିଲା । ଦୀର୍ଘ ଦିନ ଧରି ଏହାକୁ ନେଇ ଶୁଣାଣି ପରେ ସୋମବାର ରାୟ ପ୍ରକାଶ ପାଇଛି ।

### ୫୧ ଜଣଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ....

ଏଏନ୍‌ଏମ୍ ଦମୟନ୍ତୀ ରାଉତ ଏହି ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି । ଏହି ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ପୁରସ୍କାର ୧୯୭୩ ମସିହାରେ ସମାଜ ପ୍ରତି ନର୍ସ ମାନଙ୍କର ଏବଂ ନର୍ସିଂ ବୃତିଧାରୀ ମାନଙ୍କର ପ୍ରଶଂସନୀୟ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ସ୍ଥାପିତ ହୋଇଥିଲା।

### ଆଜି ଚନ୍ଦ୍ରଗ୍ରହଣ : ଶ୍ରୀମନ୍ଦିରର....

କେତେବେଳେ ଡଙ୍ଗା ଭସାଇବେ ଏହି ଚିନ୍ତା ଶ୍ରଦ୍ଧାଳୁଙ୍କୁ ଘାରିଛି । ତେବେ ଡଙ୍ଗା ଭସାଇବା ପାଇଁ ସମୟ ସ୍ଥିର କରାଯାଇଛି । ଚନ୍ଦ୍ରଗ୍ରହଣକୁ ରହିଥିବା ପରମ୍ପରା ଓ କଟକଣାକୁ ନେଇ ସବୁବେଳେ ମୁହଁମୁହିଁ ହୋଇଥାନ୍ତି ଧାର୍ମିକ ସଂସ୍ଥା ଓ ହେତୁବାଦୀ । ଗ୍ରହଣ ସମୟରେ ଚନ୍ଦ୍ରକୁ ଦେଖିବା ଅନୁଚିତ ବୋଲି ବିଶ୍ୱାସ ରହିଥିବା ବେଳେ ବିଜ୍ଞାନ ଏଥିରେ ଏକମତ ହୁଏ ନାହିଁ । ତେବେ ଏହି ବିରଳ ଦୃଶ୍ୟ ଦେଖିବା ପାଇଁ ପ୍ରୋତ୍ସାହିତ କରିଥାନ୍ତି ବିଜ୍ଞାନୀ । ଚନ୍ଦ୍ରଗ୍ରହଣ ଦୃଶ୍ୟକୁ ସନ୍ଧ୍ୟା ୫ଟା ୫ ମିନିଟରୁ ୬ଟା ୧୯ ଯାଏ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିହେବ । ୧ ଘଣ୍ଟା ୧୨ ମିନିଟ୍ ୪୮ ସେକେଣ୍ଡ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହେବ ।

## ନଭେମ୍ବର ୭ ଅକ୍ଟୋବର ବିପ୍ଳବର ୧୦୫ ତମ ସ୍ମାରକ ଦିବସ ପାଳିତ

ଜଳେଶ୍ୱର,୦୭/୧୧ (ନି.ପ୍ର): ଜଳେଶ୍ୱରସ୍ଥିତ ସିପିଆଇ(ଏମ୍) କାର୍ଯ୍ୟଳୟରେ ଅକ୍ଟୋବର ବିପ୍ଳବର ୧୦୫ତମ ସ୍ମାରକ ଦିବସ ପାଳିତ ହୋଇ ଯାଇଛି । ନଭେମ୍ବର ୭ ତାରିଖ ରୁଷ ବିପ୍ଳବ ସମସ୍ତ ବିପ୍ଳବ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଘଟଣା । ଶ୍ରମିକ-କୃଷକ-ମେହେନତୀ ମଣିଷ ବଂଚିକାର ଅଧିକାର ସହିତ ରାଜନୈତିକ ଅଧିକାର ପାଇଥିଲେ । ପୁଂଜିବାଦର ତ୍ରୀବ୍ର ସଂକଟ ହେଲେ ସମାଜବାଦ ନୂତନ ରାସ୍ତା ଦେଖାଏ । ଏହି ଦିବସକୁ ସାରାଦେଶରେ ସିପିଆଇଏମ୍ ପକ୍ଷରୁ ପାଳନ କରାଯାଇଛି । ଜଳେଶ୍ୱର ଅଂଚଳିକ କମିଟି ପକ୍ଷରୁ ରକ୍ତ ପତାକାକୁ ଦିଲ୍ଲିପ କୁମାର ଗିରି ଉତ୍ତଳନ କରିବା ସହ ସଭାପତିତ୍ୱ କରିଥିଲେ । ଦିଲ୍ଲିପ କୁମାର ପରିଡା, ପଲ୍ଲୁ ଦାସ, ରବିନ୍ଦ୍ର ବାରିକ, ଇନ୍ଦୁମାଧବ ମହାନ୍ତି, ରାଜୀବ ଲୋଚନ ପଣ୍ଡା, ସେକ୍ ଅବଦୁଲ ସାଦ୍ଦିକ, ମଦନ ମାହାଲି, ଧିରେନ୍ଦ୍ର ଦେ, ସବିତା ଭୂୟାଁ, ଇନ୍ଦୁବାଳା ମହାନ୍ତି, ଭାଗ୍ୟଶ୍ରୀ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ସଭା ବ୍ୟତିତ ସମ୍ପତ୍ତିଆ, ଡେମୁରିଆ, ବାଇଗଣ ବାଡିଆ, ସୁଗୋ, ନାମ୍ପୋ, ରାୟଦଁରୋମଚନ୍ଦ୍ରପୁର, ରାଜପୁର, ଓଳିନ୍ଦା, ପଂଚୁଘଣ୍ଟା, ଆରୁହା, ଗୋପୀମୋହନପୁର ଓ ଗୋବରଘଟାଠାରେ ଏଭଳି ପତାକା ଉତ୍ତୋଳନ ସହିତ ଉତ୍ସବ ପାଳିତ ହୋଇଛି ।

## ବିଏସଏନଏଲ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସମାରୋହ ଉଦ୍‌ଯାପିତ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ବିଏସଏନଏଲ ଓଡିଶା ପରିମଣ୍ଡଳ ତରଫରୁ ଅକ୍ଟୋବର ୩୧ ତାରିଖ ଠାରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସମାରୋହ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଉଦଯାପନୀ ସମାରୋହ ଭୁବନେଶ୍ୱରସ୍ଥିତ ବିଏସଏନଏଲ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବିଏସଏନଏଲ ଓଡିଶା ପରିମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ରୁଦ୍ର ନାରାୟଣ ପଲାଇଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହରେ ପ୍ରଧାନ ମହାପ୍ରବନ୍ଧକ(ଇବି) ଶ୍ରୀ ଦୁଷ୍ମନ୍ତ କୁମାର ବେହେରା, ବରିଷ୍ଠ ମହାପ୍ରବନ୍ଧକ (ପ୍ରଶାସନ) ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର, ମୁଖ୍ୟ ଯନ୍ତ୍ରୀ ଶ୍ରୀ ଜି.କେ ଯାଦବ, ଅବସରପ୍ରାପ୍ତ ଡିଜିଏମ୍ ଶ୍ରୀ ସୁକାନ୍ତ କୁମାର ରାୟ, ସେମିନାରର ବକ୍ତା ତଥା ଡିଜିଏମ୍ (ଭିଜିଲାନ୍ସ) ଶ୍ରୀ କାର୍ତ୍ତିକ ଚରଣ ପତି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ ।

## ପାରାଦୀପ ବନ୍ଦର ପାଇକାରୀ ସମବାୟ ଭଣ୍ଡାରର ସଭାପତି ହେଲେ ରଘୁନାଥ ସାହୁ

ପାରାଦୀପ,୦୭/୧୧ (ନି.ପ୍ର): ପାରାଦୀପ ପାଇକାରୀ ସମବାୟ ଭଣ୍ଡାର ଲିମିଟେଡର ସଭାପତି ଭାବେ ରଘୁନାଥ ସାହୁ ନିର୍ଦ୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସୋମବାର ଦିନ ପାରାଦୀପସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ନିର୍ବାଚନରେ ପାରାଦୀପ, କୁଜଙ୍ଗ, ଏରସମା ଓ ତିର୍ତୋଲର ବିଭିନ୍ନ ଜୋନ୍‌ରୁ ନିର୍ବାଚିତ ପନ୍ଦର ଜଣ ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟମାନଙ୍କ ଉପସ୍ଥିତିରେ ରଘୁନାଥ ଏକମାତ୍ର ପ୍ରାର୍ଥୀ ଭାବେ ମନୋନୟନ ପତ୍ର ଦାଖଲ କରିଥିଲେ । ଧାର୍ଯ୍ୟ ସମୟ ମଧ୍ୟରେ ଆଉ କେହି ମନୋନୟନ ପତ୍ର ଦାଖଲ ନକରିବାକରୁ ଶ୍ରୀ ସାହୁ ନିର୍ଦ୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର. ଓ ନିର୍ବାଚନ ଅଧିକାରୀ ରାଖାଲ ଚନ୍ଦ୍ର ଦାସ ଓ ପାଇକାରୀ ଭଣ୍ଡାରର ସମ୍ପାଦକ ରଂଜିତ ସାହୁ ସଭାପତି ଭାବେ ଘୋଷଣା କରିଥିଲେ । ବିଜୟୀ ହେବା ପରେ ଶ୍ରୀ ସାହୁ ସ୍ଥାନୀୟ ବିଧାୟକ,ସାଂସଦ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପାରାଦୀପର ଏହି ପୁରାତନ ସମବାୟ ଭଣ୍ଡାରକୁ ବିକାଶ ପଥରେ ଆଗେଇ ନେବାକୁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

## ସିପିଆଇ ପକ୍ଷରୁ ଅକ୍ଟୋବର ସମାଜବାଦୀ ବିପ୍ଳବ ଦିବସ ପାଳିତ

ଭୁବନେଶ୍ୱର,୦୭/୧୧ (ନି.ପ୍ର): ଅକ୍ଟୋବର ସମାଜବାଦୀ ବିପ୍ଳବର ଦିବସ ନଭେମ୍ବର ୭ ସୋମବାର ସିପିଆଇ ଅଫିସ୍‌ରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସୋମବାର ପୂର୍ବାହ୍ନରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ରାଜ୍ୟ ସମ୍ପାଦକ ଅଭୟ ସାହୁ ଲାଲ୍ ପତାକା ଉତୋଳନ କରି କହିଲେ- କାର୍ଲମାର୍କ୍ସ ଓ ଫ୍ରେଡେରିକ୍ ଏଙ୍ଗେଲ୍‌ସ ବୈଜ୍ଞାନିକ ସମାଜବାଦ ଓ ସାମ୍ୟବାଦର ତତ୍ତ୍ୱ ଉପସ୍ଥାପିତ କରିଯାଇଥିଲେ। କିନ୍ତୁ ୧୯୧୭ ମସିହାରେ ଲେନିନ୍‌ଙ୍କ ନେତୃତ୍ୱରେ ରୁଷିଆରେ ସାମ୍ରାଜ୍ୟବାଦୀ ଶୃଙ୍ଖଳକୁ ଭାଙ୍ଗି ପ୍ରଥମଥର ପାଇଁ ସମାଜବାଦୀ ବିପ୍ଳବ ସଂଗଠିତ ହୋଇଥିଲା ଏବଂ ଶ୍ରମିକ ଓ କୃଷକ ଶ୍ରେଣୀ ମେହେନତୀ, ଖଟିଖିଆ ମଣିଷଙ୍କ ସମର୍ଥନରେ ରାଷ୍ଟ୍ର କ୍ଷମତା ଦଖଲ କରି ସମାଜବାଦୀ ସମାଜ ପ୍ରତିଷ୍ଠା କରିଥିଲେ। ଆଜି ସୋଭିଏତ୍ ୟୁନିୟନ ନ ଥିଲେ ମଧ୍ୟ ପୁଞ୍ଜିବାଦରୁ ସମାଜବାଦକୁ ଉତୋରଣର ଯୁଗ ଅବ୍ୟାହତ ରହିଛି ଏବଂ ମାନବ ଜାତିର ଭବିଷ୍ୟତ ହେଉଛି ସମାଜବାଦ। ଏହି ସମାରୋହରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ, ଶ୍ରମିକ ନେତା ବିଜୟ ଜେନା, ଭୁବନେଶ୍ୱର ଜୋନ କମିଟି ସମ୍ପାଦକ ସୁର ଜେନା, ନାରୀନେତ୍ରୀ ବନଲତା ଜେନା, ଜୋନ୍ କମିଟି ସହସମ୍ପାଦକ କୈଳାସ ପୁହାଣ ଓ ରାଜ୍ୟ ଅଫିସ ସମ୍ପାଦକ ଶିବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଜ୍ୟବସ୍ତୁରୁ ସୁନ୍ଦର ଉପକରଣ ପ୍ରଦର୍ଶନୀ

ବଲାଙ୍ଗିର, ୦୭/୧୧ (ନି.ପ୍ର): ମଂଟେଶ୍ୱରୀ ପବ୍ଲିକ ସ୍କୁଲରେ ବର୍ଜ୍ୟବସ୍ତୁରୁ ସୁନ୍ଦର ଉପକରଣ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ୫୦ ରୁ ଅଧିକ ପ୍ରତିଯୋଗୀ ଏଥିରେ ଭାଗ ନେଇ ପାଣି, ବର୍ଜ୍ୟବସ୍ତୁ, କାଗଜ, କାଚ ପ୍ରଭୃତି ପଦାର୍ଥରୁ ବିଭିନ୍ନ ମୋଡେଲ, ଏଟିଏମ୍ କାଉଂଟର, ଫଟୋଫ୍ରେମ ଏବଂ ଅନ୍ୟାନ୍ୟ ଅନେକ ସୁନ୍ଦର ବସ୍ତୁ ତିଆରି କରି ଏକ ପ୍ରଦର୍ଶନୀ କରାଯାଇଥିଲା । ଏଥିରେ ବିଚାରକ ଭାବରେ ପ୍ରଫେସର ତରୁଣ କୁମାର ମିଶ୍ର ଓ କଳାକାର ସୁଧାଂଶୁ ସିଂ ଧରୁଆ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଏବଂ ଅଭିଭାବକ ଏହି ସୁନ୍ଦର ପ୍ରତିଯୋଗିତାକୁ ଦେଖି ବହୁତ ଖୁସି ଅନୁଭବ କରିଥିଲେ । ସ୍କୁଲ ର ଅଧକ୍ଷ ରବିଚନ୍ଦ୍ର ଉଦ୍?ଗାତା ସଂଯୋଜନା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ବିରେନ୍ଦ୍ର ନାରାୟଣ ଉଦ୍?ଗାତା ଓ ସ୍କୁଲର ପିଇଟି ଓ ଅନ୍ୟାନ୍ୟ ଶିକ୍ଷକ ପରିଚାଳନା କରିଥିଲେ । ସାମ୍ବାଦିକ ଆକୁଳ ବେହେରା ଛାତ୍ର ଛାତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନ୍ମଦିନରେ ବୃକ୍ଷରୋପଣର ନିଆରା ଭାବନା

ବସ୍ତା,୦୭/୧୧ (ନି.ପ୍ର): ବାଲେଶ୍ୱରଜିଲ୍ଲା ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତର ଯୁବକ ପ୍ରଦିପକୁମାର ରାଉତ ତାଙ୍କ ୨୬ତମ ଜନ୍ମଦିନ ଟି ନିଆରାଢଙ୍ଗରେ ପାଳନ କରିଛନ୍ତି । ଜନ୍ମଦିନରେ କେକ କାଟି ଆତ୍ମୀୟ ସୋଜନଙ୍କୁ ଆମନ୍ତ୍ରଣକରି ଭୋଜିଭାତ ଦେଇଅଧିକାଂଶ ଲୋକେ ଆନନ୍ଦ ମନାଉ ଥିବା ବେଳେ ଆଜି ପ୍ରଦିପବାବୁ ବିଭିନ୍ନ ସ୍ଥାନରେ ଅନେକ ପ୍ରଜାତିର ଗଛର ଚାରା ଆଣି ରୋପଣକରିଥିଲେ । ଏହି କାର୍ଯ୍ୟକ୍ରମରେ ବସ୍ତା ମାଟିର ସ୍ୱାଭିମାନ ଯୁବ ସମାଜସେବୀ ସୁମନ୍ତ କୁମାର ଜେନା, ସଦଜ୍ଞାନ ଯାଗୃତି ସେବାଶ୍ରମର ପରିଚାଳକ ଅନ୍ତର୍ଯ୍ୟାମି ରାଉଳ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ଅବକ୍ଷୟ ସମାଜରେ ବୃକ୍ଷହିଁ ମାନବ ସମାଜର କର୍ଣ୍ଣଧାରବୋଲି ଉପସ୍ଥିତଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । ତାଙ୍କର ଏହି ମହତ କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ଶ୍ରୀ ରାଉତଙ୍କ ପାଖକୁ ଶୁଭେଚ୍ଛାର ବାର୍ତ୍ତା ଛୁଟୁଛି ।

## ପାରାଦ

ମଙ୍ଗଳବାର, ନଭେମ୍ବର ୦୮, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## 'ପିଏକ୍ସଇ'ର ୧୨୮ ତମ ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର,୦୭/୧୧ (ନି.ପ୍ର): ଚାନ୍ଦିପୁର ପ୍ରତିରକ୍ଷା ବିଭାଗର ପ୍ରମାଣ ଏବଂ ପ୍ରାୟୋଗିକ ପ୍ରତିଷ୍ଠାନ 'ପିଏକ୍ସଇ'ର ୧୨୮ ତମ ପ୍ରତିଷ୍ଠା ଉତ୍ସବ ଦିବସବ୍ୟାପୀ କାର୍ଯ୍ୟକ୍ରମ ମଧ୍ୟରେ ସୋମବାର ପାଳିତ ହୋଇଯାଇଛି । ଏନେଇ ସକାଳେ ଚାନ୍ଦିପୁର ସ୍ଥିତ ଡିଆରଡିଓ ପଡ଼ିଆରେ ପିଏକ୍ସଇ ଅଧିକାରୀ ଓ କର୍ମଚାରୀ ତଥା ସେମାନଙ୍କ ପରିବାରଙ୍କୁ ନେଇ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପିଏକ୍ସଇ ନିର୍ଦ୍ଦେଶକ ଡି କେ ଯୋଶୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଗୋଳାବାରୁଦ ପରୀକ୍ଷଣ ଠାରୁ ଆରମ୍ଭ କରି ନୂତନ ଉଦ୍ଭାବିତ ଯନ୍ତ୍ରପାତିର ପ୍ରୟୋଗ ତଥା ପରୀକ୍ଷାରେ ଏହି ବିଭାଗ ୧୨୮ ବର୍ଷରେ ପଦାର୍ପଣ କରିବା ସହ ରାଷ୍ଟ୍ର ପାଇଁ ଗୌରବ ଆଣି ପାରିଛି ବୋଲି ସେ କହିଥିଲେ। ବିଶ୍ୱର ଅଦ୍ୱିତୀୟ ସମତଳ ବେଳାଭୂମି ଭାବେ ଚାନ୍ଦିପୁରକୁ ଚୟନ ସହ ତତ୍କାଳୀନ ବ୍ରିଟିଶ ସରକାର ଏଠାରେ ପିଏକ୍ସଇ ସ୍ଥାପନ କରିଥିଲେ । ଇତିମଧ୍ୟରେ ଦୀର୍ଘଦିନ ବିତିଯାଇଥିବା ବେଳେ ଭାରତର ପ୍ରତିରକ୍ଷା ବିଭାଗ ପାଇଁ ଏହା ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହୋଇପାରିଛି । ତେବେ ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କ ସହଯୋଗ ତଥା ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା ଅନୁଷ୍ଠାନକୁ ଶୀର୍ଷରେ ପହଞ୍ଚାଇ ପାରିଛି ବୋଲି ଶ୍ରୀ ଜୋଶୀ ପ୍ରକାଶ କରିଥିଲେ । ପ୍ରତିଷ୍ଠା ଦିବସ କେବଳ ଆନନ୍ଦ ବିଭୋର ପାଇଁ ନୁହେଁ ବର୍ଷକର ସଫଳତା ତଥା ଉତ୍କର୍ଷତାର ସମୀକ୍ଷା ପାଇଁ ଏହା ଉତ୍କୃଷ୍ଟ ସମୟ ବୋଲି ସେ କହିଥିଲେ । ବୈଜ୍ଞାନିକ ଡ. ହିମାଂଶୁ ଶେଖର ପଣ୍ଡା ଏଥିରେ ଯୋଗଦେଇ ପିଏକ୍ସଇକୁ ମିଳିଥିବା ଦୀର୍ଘଦିନର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରତିଷ୍ଠା ଦିବସ ପାଳନ ଅବସରରେ ବୃକ୍ଷ ରୋପଣ ଓ ରକ୍ତଦାନ ଶିବିର ଆୟୋଜନ ବିଭାଗୀୟ ଅଧିକାରୀ ତଥା କର୍ମଚାରୀଙ୍କ ସାମାଜିକ ଦାୟିତ୍ୱବୋଧତାର ନିଦର୍ଶନ ବୋଲି ସେ କହିଥିଲେ।ଏହି ଅବସରରେ ପିଏକ୍ସଇ ପରିବାରର ଅଧିକାରୀ, କର୍ମଚାରୀ ଓ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## କାରିଗର ଓ ବୁଣାକାରମାନଙ୍କ ପାଇଁ କଳାଭୂମିରେ ନିଶୁଳ୍କ ପ୍ରବେଶ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଓଡିଶାର ହସ୍ତଶିଳ୍ପ ଓ ହସ୍ତତନ୍ତ ଐତିହ୍ୟକୁ ସାଇତି ରଖିବା ତଥା ଏହାର ଅଧିକ ପ୍ରସାର କରିବା ଲକ୍ଷ୍ୟରେ ଓଡିଶା ସରକାର ଭୁବନେଶ୍ୱରର ଶିଳ୍ପୀ ବିହାର, ପୋଖରୀପୁଟଠାରେ 'ଓଡିଶା ହସ୍ତଶିଳ୍ପ ସଂଗ୍ରହାଳୟ -କଳାଭୂମି' ସ୍ଥାପନ କରିଛନ୍ତି । ବର୍ତମାନ ଓଡିଶାର କାରିଗର, ବୁଣାକାର, ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ତଥା ପଦ୍ମ ପୁରସ୍କାରପ୍ରାପ୍ତ କାରିଗର ଓ ବୁଣାକାରମାନଙ୍କ ପାଇଁ ଓଡିଶା ସରକାର ଏକ ବିଶେଷ ଘୋଷଣା କରିଛନ୍ତି। ସେମାନଙ୍କ ପାଇଁ କଳାଭୂମିରେ ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି। ଏହି ଅବସରରେ ଓଡ଼ିଶାର କାରିଗର ଓ ବୁଣାକାରମାନଙ୍କୁ ଅନୁରୋଧ କରାଯାଉ ଅଛିକି ସେମାନେ ନିଜର ପରିଚୟ ପତ୍ର ଦେଖାଇ ଏହି ସଂଗ୍ରହାଳୟ ପରିଦର୍ଶନ କରିପାରିବେ । ରାଜ୍ୟ ସରକାରଙ୍କର ଏହି ପଦକ୍ଷେପ ଓଡିଶାର କାରିଗର ଓ ବୁଣାକାରମାନଙ୍କର କଳାତ୍ମକ ଏବଂ ଗବେଷଣାତ୍ମକ ମନୋବୃତିକୁ ପ୍ରୋତ୍ସାହନ କରିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ।

## ବାରିପଦାରେ ଜିଲ୍ଲା ସ୍ତରୀୟ ମେଗା ଆଇନ ସେବା ଶିବିର ଉଦ୍‌ଘାଟିତ

ବାରିପଦା,୦୭/୧୧ (ନି.ପ୍ର): ସମୟ ରେ ଆଜି ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ମେଗା ଆଇନ ସେବା ଶିବିରକୁ ଜିଲ୍ଲା ଏବଂ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଅରବିନ୍ଦ ପଟ୍ଟନାୟକଙ୍କ ଉପସ୍ଥିତି ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଫିତା କାଟି ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲା ଦୌରା ଜଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ରୂପଭାନୁ ମିଶ୍ର, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉମାକାନ୍ତ ମହାରଣା, ଜିଲ୍ଲା ଓକିଲ ସଙ୍ଘ ସଭାପତି ପ୍ରଦୀପ କୁମାର ରଥ ଏବଂ ସମ୍ପାଦକ ବିପ୍ଳବ ବାରିକ ପ୍ରମୁଖ ଯୋଗ ଦେଇ ଜନସାଧାରଣଙ୍କୁ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ମାଧ୍ୟମରେ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ଏବଂ ନ୍ୟାୟିକ ସେବା ସମ୍ବନ୍ଧରେ ସବିଶେଷ ଆଲୋଚନା କରି ନିଜ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସେମାନେ ସଦା ସର୍ବଦା ସଚେତନ ହେବା ଉଚିତ ବୋଲି କହିଥିଲେ । ବର୍ତମାନ ଅନଲାଇନ ମାଧ୍ୟମରେ ସରକାରଙ୍କ ବିଭିନ୍ନ ସେବା ଉପଲବ୍ଧ ଏବଂ ଏପରିକି କିଛି ସେବା ହିତାଧିକାରୀଙ୍କୁ ଘର ଦ୍ୱାର ସମ୍ମୁଖରେ ସେବା ପ୍ରଦାନ ପାଇଁ ସରକାରଙ୍କ ତରଫରୁ ଉଦ୍ୟମ ଜାରି ରହିଛି ଏବଂ କୌଣସି କ୍ଷେତ୍ରରେ ନ୍ୟାୟିକ ସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଲେ ସେମାନେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସହାୟତା ନେଇ ପାରିବେ ବୋଲି କହିଥିଲେ । ଆଜିର ଏହି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସାଶକ୍ତିକରଣ, ମତ୍ସ୍ୟ, ସ୍ୱାସ୍ଥ୍ୟ, ଫୋରେଷ୍ଟ, ଶିକ୍ଷା, ଆଇଟିଡିଏ, ଜେଲ, ଉଦ୍ୟାନ, ଶ୍ରମ, ମିଶନଶକ୍ତି, କୃଷି ଇତ୍ୟାଦି ବିଭିନ୍ନ ବିଭାଗ ତରଫରୁ ୨୧ ଗୋଟି ଷ୍ଟଲ ଖୋଲାଯାଇ ବିଭିନ୍ନ ବିଭାଗର ହିତାଧିକାରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇଥିଲା । ଶେଷରେ ରେଜିଷ୍ଟ୍ରାର ଆଶିଷ କୁମାର ପରିଛା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶୋପିୟା : ସଂଘର୍ଷରେ ଜଣେ ଆତଙ୍କବାଦୀର ମୃତ୍ୟୁ

ଶୋପିୟା,୦୭/୧୧ (ନି.ପ୍ର): ଜିଲ୍ଲାର ହେଫ ଶିରମଲ ଅଂଚଳରେ ସୋମବାର ଦିନରେ ଆତଙ୍କବାଦୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଏକ ସଂଘର୍ଷରେ ସୁରକ୍ଷାକର୍ମୀମାନେ ଜଣେ ଆତଙ୍କବାଦୀକୁ ମାରିଦେଇଛନ୍ତି । ଖବର ଲେଖାହେବା ପର୍ଯ୍ୟନ୍ତ ଅଂଚଳରେ ସଂଘର୍ଷ ଜାରି ରହିଥିଲା । ସୂଚନା ଅନୁଯାୟୀ ସୋମବାର ଦୋପହର ହେଫ ଶିରମଲ ଅଂଚଳରେ ଆତଙ୍କବାଦୀଙ୍କ ଉପସ୍ଥିତିର ସୂଚନା ମିଳିବା ପରେ ଶୋପିୟା ପୋଲିସ ଅନ୍ୟ ସୁରକ୍ଷାବଳ ସହିତ ମିଶି ପୁରା ଅଂଚଳର ଘେରାବନ୍ଦୀ କରି ତଲାଶୀ ଅଭିଯାନ ଆରମ୍ଭ କରିଛି । ତଲାଶୀ ସମୟରେ ଅଂଚଳରେ ଲୁଚିଥିବା ଆତଙ୍କବାଦୀମାନେ ସୁରକ୍ଷାକର୍ମୀଙ୍କ ପାଖକୁ ଆସୁଥିବା ଦେଖି ଗୁଳିଚାଳନା ଆରମ୍ଭ କରିଦେଇଥିଲେ, ଯାହାର ଉତରରେ ସୁରକ୍ଷାକର୍ମୀମାନେ ମଧ୍ୟ ଗୁଳିଚାଳନା କରିଥିଲେ। ଏହି ସଂଘର୍ଷରେ ଏବେ ସୁରକ୍ଷାକର୍ମୀମାନେ ଏକ ଆତଙ୍କବାଦୀକୁ ମାରିପକାଇଛନ୍ତି। ମୃତ ଆତଙ୍କବାଦୀର ପରିଚୟ ବର୍ତମାନ ପର୍ଯ୍ୟନ୍ତ ମିଳିପାରି ନାହିଁ।

## କାବ୍ୟଲୋକର ପୁସ୍ତକ ଲୋକାର୍ପଣ ଓ ସୃଜନସ୍ୱପ୍ନ ସମ୍ମାନ ପ୍ରଦାନ

ଭୁବନେଶ୍ୱର,୦୭/୧୧ (ନି.ପ୍ର): ପୁସ୍ତକ ପ୍ରକାଶନ ସଂସ୍ଥା କାବ୍ୟଲୋକ ତରଫରୁ ୨୫ତମ କଳିଙ୍ଗ ପୁସ୍ତକ ମେଳା ରୌପ୍ୟଜୟନ୍ତୀ ମଞ୍ଚରେ କବିତା ପାଠ, ପୁସ୍ତକ ଲୋକାର୍ପଣ, ସମ୍ବର୍ଦ୍ଧନା ପ୍ରଦାନ ଓ 'ଆମ ସାହିତ୍ୟରେ ଶିଶୁଗଳ୍ପ' ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଗାଳ୍ପିକ ଦେଶବନ୍ଧୁ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ସମ୍ମାନିତ ଅତିଥି ଡ. ପ୍ରେମାନନ୍ଦ ମହାପାତ୍ର, ସମ୍ମାନିତ ବକ୍ତାଭାବେ ବିଶିଷ୍ଟ ଲେଖକ ତଥା ପ୍ରଶାସକ ରତ୍ନାକର ରାଉତ, ପ୍ରଫେସର ଡକ୍ଟର ପ୍ରସନ୍ନ କୁମାର ନାୟକ ଓ ଲେଖିକା ମାଧୁରୀ ଅଧିକାରୀ ଯୋଗ ଦେଇଥିଲେ । ୧୩ଟି ପୁସ୍ତକ ଯଥା: ୧. କଥାକାହାଣୀରେ ଶ୍ରୀଜଗନ୍ନାଥ (ଲେଖକ ରବିନାରାୟଣ ପାଣିଗ୍ରାହୀ), ୨. ବିଶ୍ୱସାହିତ୍ୟକୁ ପରିବର୍ତ୍ତନ କରିଥିବା ଡିଜିଟାଲ୍ ଉଦ୍ଭାବକଙ୍କ ଜୀବନୀ-ପ୍ରଥମ ଭାଗ (ଲେଖିକା ମାଧୁରୀ ଅଧିକାରୀ), ୩. ବେଙ୍ଗୁଲୀ ନାନୀର ପୋଖରୀ ବୁଲା, ୪- ଥୁକୁଲୁ ଥୁକୁଲୁ କୁନି ଠେକୁଆ (ଶିଶୁ ଗଳ୍ପ, ଲେଖକ: ନଗେନ୍ଦ୍ର ନାଥ ପଟ୍ଟନାୟକ), ୫. ମଧୁକ୍ଷରା ମା'-୧, ୬. ମଧୁକ୍ଷରା ମା'-୨, ୭. ଏକାମ୍ରେ ରାସ, ୮. ଏକାମ୍ରେ ବର୍ଣ୍ଣବିଭା (ଡକ୍ଟର କବି ଶଶାଙ୍କ ଶେଖର ସାମଲ), ୯. ବାର୍ଦ୍ଧକ୍ୟ ରାସ୍ତା ଓ ଅନ୍ୟାନ୍ୟ କବିତା (କବି: ସରୋଜିନୀ ମିଶ୍ର), ୧୦. ସାଉଁଟା ସ୍ମୃତିର ଫୁଲ (କବି ପଦ୍ମଲୋଚନ ସାହୁ), ୧୧.ଦର୍ମିୟାନା (ଅନୁବାଦ: ମିନତି ପଟ୍ଟନାୟକ), ୧୨. ମନଛୁଆଁ ଶିଶୁକାହାଣୀ (ଲେଖକ ଶୁଭନାରାୟଣ ଶତପଥୀ), ୧୩. ମହାବୀର କର୍ଣ୍ଣ: ଏକ ଅଧ୍ୟୟନ (ଲେଖିକା ଡକ୍ଟର ସୁଶ୍ରୀୟା ଦାସ) ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । କରୋନା ହେତୁ ଆୟୋଜିତ ହୋଇପାରିନଥିବା ସୃଜନ ସ୍ୱପ୍ନ ସମ୍ମାନ ପ୍ରଦାନ ୪ ବର୍ଷ ପାଇଁ କରାଯାଇ ପାରିନଥିବାରୁ ୫ଟି ବିଭାଗରେ ୨୦ ଜଣ ବିଶିଷ୍ଟ ସାହିତ୍ୟିକ ପ୍ରବନ୍ଧରେ ନକୁଳ ଚନ୍ଦ୍ର ସାହୁ, ପ୍ରଭାକର ମହାପାତ୍ର, ଡ. ସୁକାନ୍ତୀ ମହାପାତ୍ର, ଡ଼.ନିବେଦିତା ମହାନ୍ତି, ଗଳ୍ପରେ ଡାକ୍ତର ସୁରେନ୍ଦ୍ର ନାଥ ଦାଶ, ଶ୍ରୀମତୀ ସ୍ନେହଲତା ନାୟକ, ଶ୍ରୀଯୁକ୍ତ ରତ୍ନାକର ରାଉତ, ଶ୍ରୀମତୀ ସୁନୀତା କର, କବିତାରେ ଜୟଶ୍ରୀ ଦାସ, ଡକ୍ଟର ଶଶାଙ୍କ ଶେଖର ସାମଲ, ସରୋଜିନୀ ଜେନା, ଦେବେନ୍ଦ୍ର କୁମାର ବାଉରୀ, ଗୀତି କବିତାରେ ପଦ୍ମଲୋଚନ ସାହୁ, କବି ହଂସନାଥ ମୁଦୁଲି, ବସନ୍ତ ମିଶ୍ର, ବିପିନ୍ ମହାନ୍ତି ଓ ଅନୁବାଦ ସାହିତ୍ୟରେ ଡାକ୍ତର କୃଷ୍ଣରଥ, ଆର୍ଯ୍ୟ କୁମାରୀ ଇରା, ମିନତି ପଟ୍ଟନାୟକ ଓ ଶାରଦା ରଥଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା । ଅପରାହ୍ନରେ ଗୀତିକବି ବିପିନ୍ ମହାନ୍ତିଙ୍କ ସଭାପତିତ୍ୱରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବିତା ପାଠରେ ସମ୍ମାନିତ ଅତିଥି ଭାବେ ମିନତୀ ଦାଶ (ମାନୀ) ଓ ସରୋଜ କୁମାର ସାମଲ ଏବଂ ସଂଯୋଜକ ଥିଲେ ଡ.ପୁଣ୍ୟଦର୍ଶନ ସାହୁ, ଡ. ଶର୍ମିଷ୍ଠା ମହାପାତ୍ର ଓ ନିରୁପମା କର । କବି ଭିକାରୀ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆଡଭୋକେଟ୍ ଓଁ ସ୍ୱାହା ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ୟାସକବି ନଗରରେ ମୁରୁଜ ପ୍ରତିଯୋଗିତା

ବାଲେଶ୍ୱର,୦୭/୧୧ (ନି.ପ୍ର): ସହଦେବଖୁଣ୍ଟା ବ୍ୟାସକବି ନଗରରେ ପ୍ରତିବର୍ଷ ଭଳି ମହିଳା ଓ କିଶୋରୀଙ୍କ ମଧ୍ୟରେ ମୁରୁଜ ପ୍ରତିଯୋଗିତା ଓ ସାମୂହିକ ଭୋଜନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ସୋମବାର ମଧ୍ୟାହ୍ନରେ ସ୍ଥାନୀୟ ଚାନ୍ଦମାରି ପଡ଼ିଆ ଶିବମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳା ଓ କିଶୋରୀମାନେ ମୁରୁଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୌରାଧକ୍ଷା ସବିତା ସାହୁ, ପୂର୍ବତନ ପୌରାଧକ୍ଷ ତପନ ଚକ୍ରବର୍ତ୍ତୀ, ନାରୀନେତ୍ରୀ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କ୍ ସଭାପତି ସୂର୍ଯ୍ୟକାନ୍ତ କର, ଆଇନଜୀବୀ ଭରତ ଚନ୍ଦ୍ର ଲେଙ୍କା, ଜିତେନ୍ଦ୍ର ପାଣି, ସୁରମା ମିସ୍ତ୍ରୀ, ମହମ୍ମଦ ଇସଲାମ ଓ ସକିଲା ବାନୁ ପ୍ରମୁଖ ସହରର ବହୁ ବିଶିଷ୍ଟବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ଥାନୀୟ ଅଧିବାସୀଙ୍କ ସଂହତିକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ୟାସକବି ନଗର ବିକାଶ ପରିଷଦର ସଭାପତି ରଞ୍ଜନ ଭୋଇଙ୍କ ସମେତ ନରେନ୍ଦ୍ର କୁମାର ସ୍ୱାଇଁ, ଭଗବାନ ମହନ୍ତୀ, ସଞ୍ଜୟ ଚୌଧୁରୀ, ସରସ୍ୱତୀ ପଣ୍ଡା, ମନୋଜ ନାୟକ, ଜିତେନ୍ଦ୍ର ଉପାଧ୍ୟାୟ, ଦେବାଶିଷ ଦାସ, ବେଣୁଧର ପଣ୍ଡା, ଅଞ୍ଜନା ସେନ୍, ପ୍ରଭାତ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ଇଂ. ଡମ୍ବରୁଧର ପ୍ରଧାନ, ଅଖିଳ କୁମାର ଦାସ ଓ ସରସ୍ୱତୀ ଜେନା ପ୍ରମୁଖ ସହାୟତା କରିଥିଲେ। ମୁରୁଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପରିଷଦର ବାର୍ଷିକ ଉତ୍ସବ ଓ ଫକୀରମୋହନ ଜୟନ୍ତୀ ଅବସରରେ ପୁରସ୍କୃତ କରାଯିବ।ଏହି ଅବସରରେ ବିକାଶ ପରିଷଦ ଓ ସ୍ଥାନୀୟ ବାସିନ୍ଦାମାନଙ୍କ ସହଯୋଗରେ ଆୟୋଜିତ ସାମୂହିକ ଭୋଜନ କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

## ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୨

ଭଦ୍ରକ,୦୭/୧୧ (ନି.ପ୍ର): ଭଦ୍ରକଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୨' ଶନିବାର ଆଖୁଆପଦା ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାସ ମୁଖ୍ୟ ଅତିଥି, ତହସିଲଦାର ସରୋଜକାନ୍ତ ନାୟକ, ଶିକ୍ଷାବିତ ପୁରୁଷୋତ୍ତମ ଧଳ, ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ, ଏବିଇଓ ଅକ୍ଷୟ ଜେନା, ଉମେଶ ଜେନା, ମଞ୍ଜୁବାଳା ନାୟକ, ସମାଜସେବୀ ଶରତ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଅର୍ନ୍ତନିହିତ ଗୁଣର ପରିପ୍ରକାଶ ପାଇଁ ମହୋତ୍ସବ ସୁରଭି ଉପାଦେୟ ମଞ୍ଚଭାବେ ଗ୍ରହଣୀୟ ହୋଇଛି ବୋଲି ପ୍ରକାଶ କରିଥିଲେ । ବ୍ଲକ ଅନ୍ତର୍ଗତ ୧୭ ଟି ସାଧନକେନ୍ଦ୍ରରୁ ମୋଟ ୪୨୫ ପ୍ରତିଯୋଗୀ ୧୮ଟି ପ୍ରତିଯୋଗୀତାରେ ବ୍ୟକ୍ତିଗତ ଓ ଦଳଗତ ଭାବେ ଅଂଶଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା, ରତିକାନ୍ତ ବେହେରା, ବିକ୍ରମ ରାୟ, ଶିକ୍ଷା ସଂଯୋଜକ କୈଳାସ ଚନ୍ଦ୍ର ସାମଲ, ରଞ୍ଜନ କୁମାର ମହାନ୍ତି, ଗୌରାଙ୍ଗ ନାଥ, ବିନୋଦ ରାଉତ, ମଧୁସୂଦନ ମହାପାତ୍ର, ପ୍ରଶାନ୍ତ ଜେନା, ଚକ୍ରଧର ଜେନା, ଦିଲ୍ଲିପ ଓଝା, ଝୁନାରାଣୀ ସ୍ୱାଇଁ ପ୍ରମୁଖ ବିଭିନ୍ନ ପ୍ରତିଯୋଗୀତା ସହ ଉତ୍ସବ ପରିଚାଳନା କରିଥିଲେ । ପ୍ରତ୍ୟେକ ବିଭାଗରେ ପ୍ରଥମସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ଆଗାମୀ ୧୦ ତାରିଖରେ ଆୟୋଜିତ ହେବାକୁ ତବା ଜିଲ୍ଲାସ୍ତରୀୟ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଥିଲେ ।

## ଧାମନଗରରେ କଂଗ୍ରେସର ପ୍ରଦର୍ଶନରେ ମର୍ମାହତ : ନରସିଂହ ମିଶ୍ର

ଭୁବନେଶ୍ୱର,୦୭/୧୧ (ନି.ପ୍ର): ଧାମନଗର ଉପନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ସେଥିପାଇଁ ମର୍ମାହତ ବୋଲି କହିଛନ୍ତି କଂଗ୍ରେସ ଦଳ ନେତା ନରସିଂହ ମିଶ୍ର। ସେ କହିଛନ୍ତି ଗତ ଥର ଯେତିକି ଭୋଟ୍ ପାଇଥିଲୁ ଏଥର ତାର ଅଧାରୁ ବି କମ୍ ଭୋଟ୍ ପାଇଛୁ। କଂଗ୍ରେସ ନେତୃବୃନ୍ଦ ଓ ହାଇକମାଣ୍ଡ ଏହାକୁ ଗୁରୁତ୍ୱର ସହ ନେବା କଥା। କୋଉଠି ଭୁଲ୍ ରହିଲା ତୁରନ୍ତ ବୈଠକ ବସି ଏହାର ଆଲୋଚନା କରିବାର ଆବଶ୍ୟକତା ଅଛି। ଅନ୍ୟଥା ଆଗାମୀ ଦିନରେ କଂଗ୍ରେସ ନିଶ୍ଚିହ୍ନ ହୋଇଯାଇପାରେ । ଅପରପକ୍ଷରେ ଆଗକୁ ପଦ୍ମପୁର ଉପନିର୍ବାଚନ ଥିବା ବେଳେ ସେଠାରେ କଂଗ୍ରେସ ଭୋଟ୍ ରହିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେଠାରେ କଂଗ୍ରେସ ଭଲ ଲଢେଇ କରିବ. ଫଳାଫଳ ଲୋକଙ୍କ ଉପରେ ନିର୍ଭର କରୁଛି।

## ମୟୂରଭଂଜ ଆପର ଜିଲ୍ଲା କାର୍ଯ୍ୟକାରିଣୀ କମିଟି ଗଠିତ

ବାରିପଦା,୦୭/୧୧ (ନି.ପ୍ର): ସ୍ଥାନୀୟ ଦାରଗାଡାହି ଠାରେ ମୟୂରଭଂଜ ଜିଲ୍ଲା ଆମ ଆଦମୀ ପାର୍ଟିର ବରିଷ୍ଠ ଓ ସକ୍ରୀୟ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଶିକ୍ଷାବିତ ଶ୍ରୀ ନନ୍ଦ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ବୈଠକ ବସି ଜିଲ୍ଲା କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି । ଏଥିରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ସହମତିରେ ଶ୍ରୀ ବିରାମ ମୁର୍ମୁ ଜିଲ୍ଲା ସଂଯୋଜକ, ଶ୍ରୀ ଶୈଳେନ୍ଦ୍ର ମହାନ୍ତ ଉପ-ସଂଯୋଜକ, ଶ୍ରୀ ରବିନ୍ଦ୍ର ଗିରି ଜିଲ୍ଲା ସମ୍ପାଦକ, ଶ୍ରୀ ସୁକୁମାର ରଂଜନ ପ୍ରଧାନ କୋଷାଧକ୍ଷ ଓ ମେଡିଆ ସମ୍ପାଦକ, ଶ୍ରୀ ବାଦଲ ହେମ୍ବ୍ରମ ପ୍ରବକ